## ସଂକ୍ଷେପରେ

### ଜାଗର ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୨୨।୨(ସ୍ୱ.ପ୍ର.): ପାରଳାଖେମୁଣ୍ଡିସ୍ଥିତ ଗୋପେଶ୍ୱର ମହାଦେବ ମନ୍ଦିରରେ ଶୁକ୍ରବାର ଶିବରାତ୍ରି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ଦିନ ତମାମ ଭକ୍ତଙ୍କ ସମାଗମ ଲାଗିରହିଥିବାବେଳେ ଜାଗର ପାଇଁ ଉତ୍କଳ ହିତୈଷିଣୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ରାତି ମଧ୍ୟରାତ୍ରିରେ ମହାଦୀପ ଉଠିଥିଲା। ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ ପାରଳା ସ୍ୱାଭିମାନ ମଞ୍ଚର ଆବାହକ ଡ. ତିରୁପତି ପାଣିଗ୍ରାହୀ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ନଗର ବିଜେଡି ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ଗୁରୁ କୈଳାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ୨ ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

ଆସିକା, ୨୨।୨ (ଡି.ଏନ୍.ଏ): ଗାଙ୍ଗପୁର ପୋଲିସ ଶୁକ୍ରବାର ରାତିରେ ଖଇରପୁଟି ଓ ନିମିନା ଗ୍ରାମରେ ଚାଲିଥିବା ଦୁଇଟି ଜୁଆ ଆଡ୍ଡାରେ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରିଛି। ନିମିନାଠାରେ ଥିବା ଜୁଆଆଡ୍ଡାରୁ ୪ଜଣଙ୍କ ସହ ୨ ହଜାର ୩୦ ଟଙ୍କା ଜବତ କରାଯାଇଥିଲା। ସେହିଭଳି ଖଇରପୁଟୀରେ ଥିବା ଜୁଆଆଡ୍ଡାରୁ ୪ହଜାର ୫ଶହ ଟଙ୍କା ଜବତ କରାଯିବା ସହ ୪ ଜଣଙ୍କୁ ପୋଲିସ ଧରିଥିଲା। ଏ ନେଇ ଗାଙ୍ଗପୁର ପୋଲିସ ନଂ. ୩୮, ୩୯/୨୦ରେ ଦୁଇଟି ପୃଥକ୍ ମାମଲା ରୁଜୁ କରିଛି । ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେଶ କୁମାର ଦାସ କହିଛନ୍ତି।

### ମଦ ଜବତ, ଅଭିଯୁକ୍ତ ଗିରଫ

ଆସିକା, ୨୨।୨(ଡି.ଏନ୍.ଏ): ଗାଙ୍ଗପୁର ଥାନା ବଡବୋରସିଙ୍ଗି ଗ୍ରାମରେ ଶୁକ୍ରବାର ରାତିରେ ପୋଲିସ ଚଢାଉ କରି ୫୦ ଲିଟର ରନ୍ଧା ମଦ ଜବତ କରିଛି। ଏଥିରେ ସେହି ଗ୍ରାମର ଅଥିର ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଏକ ବେରେଲରେ ମଦ ରଖି ବିକ୍ରି କରୁଥିଲା ବେଳେ ପୋଲିସ ତାଙ୍କୁ ଧରିଥିଲା। ନଂ. ୪୦/୨୦ରେ ଏକ ମାମଲା ରୁଜୁ କରାଯାଇ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ରେଳଧାରଣାରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୨।୨: ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ବ୍ରହ୍ମପୁର ରେଳଷ୍ଟେଶନ ୧ ନମ୍ବର ପ୍ଲାଟଫର୍ମ ଶେଷମୁଣ୍ଡରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କରି ବୟସ ଆନୁମାନିକ ୩୧ ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୧୦/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକଙ୍କ ପରିଚୟ ପାଇବା ପାଇଁ ମୃତଦେହଟି ୩ ଦିନ ଯାଏ ସଂରକ୍ଷଣ ଗୃହରେ ରଖାଯାଇଛି । ଯୁବକ ଜଣଙ୍କ ରେଳରେ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ସନ୍ଦେହ କରୁଛି।

### ବିଷକ୍ରିୟାରେ ଯୁବତୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୨।୨: ବିଷ କ୍ରିୟାରେ ଗୁରୁତର ଥିବା ଜଣେ ଯୁବତୀଙ୍କୁ ଏମ୍‌କେସିଜି ମେଡିକାଲରେ ଶୁକ୍ରବାର ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣଙ୍କ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୀମପଲ୍ଲୀ ଗ୍ରାମର ଯାଜ୍ଞସେନୀ ଗୌଡ଼ (୧୮) ବୋଲି ପୋଲିସ କହିଛି। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୮୨/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଯୁବତୀ ଜଣଙ୍କ ଶୁକ୍ରବାର ସନ୍ଧ୍ୟାରେ ବିଷ ପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# କେରାଣ୍ଡି ପଞ୍ଚାୟତରେ କେବେ ପହଞ୍ଚିବ ବିକାଶ

- ପକ୍କା ରାସ୍ତାଟିଏ ନାହିଁ
- ସ୍ୱାସ୍ଥ୍ୟସେବା ପାଇଁ ଖଟିଆରେ ବୁହା ହେଉଛନ୍ତି ରୋଗୀ
- ମୋବାଇଲ୍ ସେବା ବିପର୍ଯ୍ୟସ୍ତ
- ଆନ୍ଧ୍ର ମୁହାଁ ହେଉଛନ୍ତି ଅନେକ ଗ୍ରାମବାସୀ

ପାରଳାଖେମୁଣ୍ଡି,୨୨।୨(ସ୍ୱ.ପ୍ର.)

ବିକାଶଠାରୁ ବହୁ ଦୂରରେ ରହିଛି ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅଧୀନ କେରାଣ୍ଡି ପଞ୍ଚାୟତ। ଏଠାରେ ଅନେକ ସମସ୍ୟା ରହିଥିବାବେଳେ ପକ୍କା ରାସ୍ତାଟିଏ ନ ଥିବାରୁ ପଞ୍ଚାୟତବାସୀ ଅନେକ ସମସ୍ୟା ଭୋଗୁଛନ୍ତି। କଇଁପୁରରୁ କେରାଣ୍ଡି ଗ୍ରାମକୁ ଯିବା ପାଇଁ ଡୁମ୍ବଗାଁ ଦେଇ ଅଙ୍କାବଙ୍କା ପାହାଡ଼ିଆ ଘାଟି ରାସ୍ତାଟିଏ ରହିଛି । ହେଲେ ଏହି ରାସ୍ତାର ଅବସ୍ଥା ମଧ୍ୟ ଏବେ ଶୋଚନୀୟ ହୋଇପଡ଼ିଛି। ରାସ୍ତା ସମସ୍ୟା ଯୋଗୁ ଶିକ୍ଷା, ସ୍ୱାସ୍ଥ୍ୟସେବା ମଧ୍ୟ ପ୍ରଭାବିତ ହେଉଛି। ସୀମାନ୍ତ ଏହି ଅଞ୍ଚଳ ପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାବେଳେ ଅଞ୍ଚଳର ବିକାଶ ପାଇଁସେମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ତିତ୍‌ଲି ମହାବାତ୍ୟାରେ ଗଜପତି ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜିଲାର ରାୟଗଡ଼ ବ୍ଲକ୍ ଏଥିରେ ବିଶେଷ ପ୍ରଭାବିତ ହୋଇଥିଲା। ରାୟଗଡ଼ ବ୍ଲକ୍‌ର ଗଙ୍ଗାବାଡ଼, କେରାଣ୍ଡି ଓ କଇଁପୁର ପଞ୍ଚାୟତ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତଙ୍କୁ ଭେଟିବା ପାଇଁ ସେ ସମୟରେ ବହୁ ରାଜ୍ୟସ୍ତରୀୟ ଅଧିକାରୀ ଗଜପତି ଜିଲା ଏବଂ ମୁଖ୍ୟତଃ ରାୟଗଡ଼ ବ୍ଲକ୍ ଗସ୍ତରେ ଆସି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ସେ ସମୟରେ ତରବରିଆଭାବେ କଇଁପୁରଠାରୁ କେରାଣ୍ଡି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ କାମଚଳାଭାବେ ରାସ୍ତାକାମ ହୋଇଥିଲା। କେବଳ ରାଜ୍ୟସ୍ତରୀୟ ଅଧିକାରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜେନତେନ ପ୍ରକାରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିବା ମଧ୍ୟ ଆଲୋଚନା ହୋଇଥିଲା। ଏବେ ଏହି ରାସ୍ତାଦେଇ କେରାଣ୍ଡି ପଞ୍ଚାୟତକୁ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ଏହି ରାସ୍ତାରେ ଆମ୍ବୁଲାନ୍ସ ଯିବା ତ ଦୂର କଥା, ଦୁଇଚକିଆ ଗାଡ଼ି ମଧ୍ୟ ଯିବା କଷ୍ଟକର ହୋଇଛି। ଗମନାଗମନ ସମସ୍ୟା ଯୋଗୁ କେରାଣ୍ଡି ପଞ୍ଚାୟତର ଓୟା, ଲକିଡ଼ା, ବଡଅନ୍ତରସିଂ, କେରାଣ୍ଡି ଆଦି ୨୦ ଗ୍ରାମର ୧୪୭୦ରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମେତ କେରାଣ୍ଡି ଗ୍ରାମର ପ୍ରାୟ ୩୮୦ ଲୋକ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସୀମାନ୍ତ ଅଞ୍ଚଳ ହୋଇଥିବାରୁ ପ୍ରଶାସନର ଏଥିପ୍ରତି ଦୃଷ୍ଟି ପଡୁ ନ ଥିବା କେରାଣ୍ଡି ପଞ୍ଚାୟତର ସରପଞ୍ଚ ରଘୁନାଥ ଶବର କହିଛନ୍ତି। ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଜିଲା ସଦରଠାରୁ ମାତ୍ର ୫୬ କି.ମି. ଦୂରତାରେ ରହିଥିବା ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଗମନାଗମନର ସୁବିଧା ମିଳିପାରି ନ ଥିବା ପଞ୍ଚାୟତବାସୀ କହିଛନ୍ତି। ସେହିପରି ପଞ୍ଚାୟତରେ ଏ ପର୍ଯ୍ୟନ୍ତ ଡାକଘରଟିଏ ମଧ୍ୟ ଖୋଲିନାହିଁ। ଶିକ୍ଷା କହିଲେ ଏଠାରେ ୧୯୨୬ରୁ ପ୍ରତିଷ୍ଠା ହୋଇଥିବା ଏକ ବିଦ୍ୟାଳୟ ରହିଛି। ହେଲେ ତାହା ମଧ୍ୟ ଅବହେଳିତ ଅବସ୍ଥାରେ ଥିବା ନଜରକୁ ଆସିଛି। ଏମିତିକି ମୋବାଇଲ୍ ଟାୱାର୍ ସମସ୍ୟା ଯୋଗୁ ଜରୁରୀ ସମୟରେ ଲୋକେ ଯୋଗାଯୋଗ କରିବାରେ ମଧ୍ୟ ବିଫଳ ହେଉଛନ୍ତି। ଆଉ ସ୍ୱାସ୍ଥ୍ୟ ଖରାପ ହେଲେ ଅନେକ ସମୟରେ ଲୋକେ ବାଧ୍ୟ ହୋଇ ୧୫ କିମି ଦୂରତାରେ ରହିଥିବା ସୀମାନ୍ତ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଅଧୀନ ମଞ୍ଜୁଷା ଗ୍ରାମ କିମ୍ବା ୨୫କିମି ଦୂରରେ ରହିଥିବା ପଲାସାକୁ ରୋଗୀଙ୍କୁ ଖଟିଆରେ ବୋହି ନେଉଥିବା ମଧ୍ୟ ସେମାନେ କୁହନ୍ତି। ସ୍ୱାଧୀନତାର ୭୨ ବର୍ଷ ପରେ ବି ଜିଲାରେ ଏପରି ଅଞ୍ଚଳ ରହିଥିବାବେଳେ ଅନେକ ଗ୍ରାମବାସୀ ବାଧ୍ୟ ହୋଇ ଆନ୍ଧ୍ର ମୁହାଁ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେଲେ ଅଞ୍ଚଳର ବିକାଶ ଘଟିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ପୀତାମ୍ବର ଭୂୟାଁ, ଲାସିକା ଭୂୟାଁ, କୁଞ୍ଜି ଭୂୟାଁ, ମୁକୁନ୍ଦ ଶବରଙ୍କ ସମେତ ବହୁ ପଞ୍ଚାୟତବାସୀ ଜଣାଇଛନ୍ତି।



ପଞ୍ଚାୟତକୁ ଯାଇଥିବା ରାସ୍ତାର ଦୃଶ୍ୟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ତୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମିଳିନି ମଜୁରି: ସଫେଇ ବନ୍ଦ କଲା ଘରୋଇ ସଂସ୍ଥା



ଆବର୍ଜନା ପରିବେଶରେ ଘୁଷୁରିପଲ।

**କାଶୀନଗର ଏନ୍‌ଏସି**

କାଶୀନଗର,୨୨।୨(ଡି.ଏନ୍.ଏ.)

କାଶୀନଗର ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗିରହିଛି। ରାସ୍ତାଘାଟ ଓ ନାଳ ନର୍ଦ୍ଦମାଗୁଡ଼ିକର ମରାମତି ହେଉନାହିଁ। ସଫେଇ କାର୍ଯ୍ୟ ପାଇଁ ଏନ୍‌ଏସି ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ହେଲେ ଚଳିତ ମାସରେ ମଜୁରି ନ ପାଇବାରୁ ସଫେଇ କର୍ମଚାରୀମାନେ ସଫେଇ କାମ ବନ୍ଦ କରିବା ସହ ଘରୁ ମଧ୍ୟ ଅଳିଆ ଉଠାଉ ନ ଥିବା ଜଣାପଡ଼ିଛି। ଯଦ୍ୱାରା ବିଭିନ୍ନ ସ୍ଥାନରେ ଅଳିଆ ଗଦା ଯୋଗୁ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ନେଇ ଏନ୍‌ଏସି ଅଧିକାରୀ କହିଛନ୍ତି, ସଫେଇ କର୍ମଚାରୀଙ୍କ ଇପିଏଫ୍ କରାଯାଇନାହିଁ। ଫଳରେ ଘରୋଇ ସଂସ୍ଥାକୁ ଏନ୍‌ଏସି ବିଲ୍ ଦେଇନାହିଁ। ଏପରି ସମସ୍ୟା ମଧ୍ୟରେ କାଶୀନଗରରେ ଅଳିଆ ଆବର୍ଜନା କୁଢ଼ ହୋଇ ରହିଥିବାବେଳେ ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା ରହିଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସ୍କୁଲରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍



ଅଗ୍ନିଶମ କର୍ମଚାରୀମାନେ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିଖାଉଛନ୍ତି।

ପାରଳାଖେମୁଣ୍ଡି,୨୨।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିପର୍ଯ୍ୟୟ ସମୟରେ କିପରି ଧନଜୀବନ ସୁରକ୍ଷା କରାଯାଇପାରିବ ସେ ବିଷୟରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏଠାରେ ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା। ମୁଖ୍ୟତଃ ଅଗ୍ନିକାଣ୍ଡ ସମୟରେ ନିଆଁ ଲିଭାଇବା ଏବଂ ଉଚ୍ଚ କୋଠାରୁ ବିପନ୍ନଙ୍କୁ ଉଦ୍ଧାର କରିବାର କୌଶଳ ପ୍ରଦର୍ଶନ କରି ଶିଖାଇଥିଲେ। ଏହା ବ୍ୟତୀତ ଆହତଙ୍କ ପ୍ରାଥମିକ ଚିକିତ୍ସା ଓ ଚିକିତ୍ସାଳୟକୁ ସ୍ଥାନାନ୍ତର ବିଷୟରେ ମଧ୍ୟ ବୁଝାଇଥିଲେ। ସେହିପରି ପ୍ରାକୃତିକ ବିପର୍ଯ୍ୟୟର କିପରି ମୁକାବିଲା କରାଯାଇପାରିବ ତାହାର ମଧ୍ୟ ବିଭିନ୍ନ କୌଶଳ ଶିଖାଇଥିଲେ। ବିଭାଗୀୟ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିବାବେଳେ ସମସ୍ତ କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

### ଆହତ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୨।୨

ବାଇକ୍‌ରୁ ପଡି ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ଯୁବକ କେ. ନୂଆଗାଁ ଥାନା ବଡପଲଙ୍କ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ (୩୨)। ମେଡିକାଲ ଫାଣ୍ଡି ପୋଲିସ ଶନିବାର ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, କୃଷ୍ଣ ଶୁକ୍ରବାର ତାଙ୍କ ଶ୍ୱଶୁର ଘର ଜରଡ଼ା ଯାଇଥିଲେ। ଅପରାହ୍ନ ପ୍ରାୟ ୫ ଟା ବେଳେ ସେ ତାଙ୍କ ବାଇକ୍‌ରେ ଗାଁକୁ ଫେରୁଥିଲେ। ପାତ୍ରପୁର ନିକଟରେ ତାଙ୍କ ଗାଡି ଚକା ଖସିଯିବାରୁ ସେ ରାସ୍ତା ଉପରେ ପଡି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୁରୁତର ହେବାରୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ମୋରମ ଚାଲାଣ: ୨ ଟ୍ରାକ୍ଟର ଜବତ

ଆସିକା, ୨୨।୨ (ଡି.ଏନ୍.ଏ):

ଗାଙ୍ଗପୁର ଥାନା ରାଇପଡ଼ା ଗ୍ରାମ ନିକଟରୁ ଶନିବାର ପୋଲିସ ୨ଟି ମୋରମ ବୋଝେଇ ଟ୍ରାକ୍ଟରକୁ ଜବତ କରିଛି । ରାଇପଡା ପାହାଡରୁ ମୋରମ ଚାଲାଣ କରାଯାଉଥିଲା ବେଳେ ପୋଲିସ ଖବର ପାଇ ଚଢାଉ କରିଥିଲା। ଜବତ ଟ୍ରାକ୍ଟରକୁ ବେଲଗୁଣ୍ଠା ତହସିଲଦାରଙ୍କ ଜିମା ଦିଆଯାଇଥିବା ଥାନାଧିକାରୀ ଧୀରେଶ କୁମାର ଦାସ କହିଛନ୍ତି ।

# ବାଇକ୍ ଧକ୍କାରେ ଛାତ୍ରୀ ମୃତ

ପାତ୍ରପୁର, ୨୨।୨(ଡି.ଏନ୍.ଏ.)

ଜିଲୁଣ୍ଡା ପାହାଡ଼ ଉପରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରୁ ଶୁକ୍ରବାର ଜାଗର ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ବାଇକ୍ ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବାଦପୁରର ଛଇଲ ବେହେରାଙ୍କ ଝିଅ ରିଙ୍କି(୧୦)। ଦୁର୍ଘଟଣା ପରେ ଚାଳକ ବାଇକ୍ ଓ ମୋବାଇଲକୁ ଛାଡ଼ି ଫେରାର୍ ହୋଇଯାଇଥିଲା। ଗୁରୁତର ଛାତ୍ରୀକୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ରିଙ୍କିଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ଗ୍ରାମରେ ପହଞ୍ଚିଛି। ଜରଡ଼ା ପୋଲିସ ବାଇକ୍ ଓ ମୋବାଇଲକୁ ଜବତ କରି ତଦନ୍ତ ଚଳାଇଛି।

# ଯୁବ କ୍ଲବ୍ ବିକାଶ ସମ୍ମିଳନୀ

ପାରଳାଖେମୁଣ୍ଡି,୨୨।୨(ସ୍ୱ.ପ୍ର.)

ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଗଜପତି ଜିଲା ନୂଆଗଡ଼ ବ୍ଲକ୍‌ରେ ଶନିବାର ଯୁବ କ୍ଲବ୍ ବିକାଶ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ କେରେଡାଙ୍ଗ ଉଚ୍ଚବିଦ୍ୟାଳୟରେ ସତ୍ୟଜ୍ୟୋତି ଯୁବ ସମାଜ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧକ୍ଷ ଗୁଡବାଇ ମଣ୍ଡଳ, କେରେଡାଙ୍ଗ ସରପଞ୍ଚ ସୁବାସ ଚନ୍ଦ୍ର ଶବର, ସମିତି ସଭ୍ୟ ସେବତୀ ଶବର, ୱାର୍ଡ ମେମ୍ବର କରୁଣାକର, କେରେଡାଙ୍ଗର ଜାନ୍‌ସ ବୀର ଗମାଙ୍ଗ, ପ୍ରଶିକ୍ଷିକା ଓ ପ୍ରୀୟମ୍ବଦା ପଟ୍ଟନାୟକ ଓ ପ୍ରମିଣ କର ଯୋଗଦେଇଥିଲେ। ଏଥିରେ ୮୦ରୁ ଊର୍ଦ୍ଧ୍ୱ ଯୁବ ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ଯୁବ ସଙ୍ଘର ବୈଶିଷ୍ଟ୍ୟତା ଉପରେ ଆଲୋକପାତ କରିଥିଲେ। ସେହିପରି କାଶୀନଗର ବ୍ଲକ୍ ହାଡୁଭାଙ୍ଗୀ ଗ୍ରାମରେ ମଧ୍ୟ ଏନ୍‌ୱାଇକେ ସହାୟତାରେ ଜୟ ଭୀମ ଯୁବ କ୍ଲବ୍ ପକ୍ଷରୁ ଯୁବ କ୍ଲବ୍ ବିକାଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସଂଯୋଜକ ଇ. ଚନ୍ଦ୍ରଶେଖର, ପ୍ରଶିକ୍ଷିକା ମୋହିନୀ ପ୍ରଧାନ ଯୋଗଦେଇଥିଲେ। ଏଥିରେ ୬୦ରୁ ଊର୍ଦ୍ଧ୍ୱ ୟୁଥ୍ କ୍ଲବ୍ ସଦସ୍ୟ ଯୋଗଦେଇଥିଲେ। ଏନ୍‌ୱାଇକେର ଜିଲା ଯୁବ ଅଧିକାରୀ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଶୀନଗର ବ୍ଲକ୍‌ର ସ୍ୱେଚ୍ଛାସେବୀ ଅକ୍ଷୟ କୁମାର ବେହେରା ଏବଂ କେ. ଶୀବାଜୀ ଏବଂ ନୂଆଗଡ଼ ବ୍ଲକ୍‌ରେ ସ୍ୱେଚ୍ଛାସେବୀ କରୁଣାକର ବେହେର୍ଦଲାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଫୁଲବାଣୀ ଗସ୍ତରେ ଗଜପତିର ୨ ଟିମ୍

■ ରାଜ୍ୟସ୍ତରୀୟ ଏସ୍‌ଡିସି କପ୍ ଫୁଟ୍‌ବଲ

ପାରଳାଖେମୁଣ୍ଡି,୨୨।୨(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ଏସ୍‌ଡିସି କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପାଇଁ ଗଜପତି ଜିଲାର ୨ ଟିମ୍ ଶନିବାର ଫୁଲବାଣୀ ଗସ୍ତ କରିଛନ୍ତି। ଜିଲାରୁ ୨୦ ଜଣିଆ ମହିଳା ଏବଂ ୨୦ ଜଣିଆ ପୁରୁଷ ଟିମ୍ ଚୟନ କରାଯାଇଥିବାବେଳେ ଶନିବାର ସେମାନେ ଗଜପତି ଷ୍ଟାଡିୟମ୍ ପରିସରରୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ବାହାରିଛନ୍ତି। ୨୦ ଜଣିଆ ମହିଳା ଟିମ୍‌ରେ ଶିବାନୀ ବେହେର୍ଦଲାଇ, ଏଲିଫା ଶବର, ମମତା ଶବର, ସୁନୀତା ପୂଜାରୀ, ରୀତା ମାଝି, ରେଖା ମାଝି, ଟୁନି ଶବର, ଅମ୍ବିକା ଗମାଙ୍ଗ, ସୁଷମା ଗମାଙ୍ଗ, ରୀନା କିଙ୍ଗଲ, ସୁମିତ୍ରା ଶବର, ପ୍ରଣତୀ ରଇତ, ଏଲିଜାନୀ କାର୍ଯ୍ୟୀ, ଇମିଲି କାର୍ଯ୍ୟୀ, ଜୟଲଳିତା ଗମାଙ୍ଗ, ଝୁନାମଣୀ ଗମାଙ୍ଗ, ମଞ୍ଜୁଳା ନାୟକ, ନମିତା କୁମାରୀ ନାୟକ, ବିଦ୍ୟାବତୀ ଗମାଙ୍ଗ, ଝିଲି ନୁଆପାଇକ ରହିଛନ୍ତି। ସେହିପରି ପୁରୁଷ ଟିମ୍‌ରେ କାହ୍ନୁଚରଣ ବେହେର୍ଦଲାଇ, ବିକ୍ରମ ବଡମୁଣ୍ଡି, ପଦ୍ମଚରଣ ଶବର, ଜେ.ଗମାଙ୍ଗ, ସତ୍ୟଜିତ୍ ମଲ୍ଲିକ, ପ୍ରକାଶ କୁମାର ନାୟକ, ଶିବରାମ ଶବର, ବିଶ୍ୱନାଥ ଶବର, କୌଳାସ ଶବର, ସୁନୀଲ୍ କାର୍ଯ୍ୟୀ, ଜାକରିୟ ଗମାଙ୍ଗ, ଇଲିସୟା ଶବର, ପ୍ରଣବ ଶବର, ଆର୍.ଏସ୍. ମଣ୍ଡଳ, ମହେଶ ହନାଗା, ଆଦିତ୍ୟ କାର୍ଯ୍ୟୀ, ବିଶ୍ୱଜିତ ବଡରଇତ, ମୁକେଶ ମଣ୍ଡଳ, ମାଣିକରାମ ହନାଗା ଓ ପ୍ରମୋଦ କୁମାର ଶବର ରହିଛନ୍ତି। ଉଭୟ ଟିମ୍ ସହ ଧିରେନ୍ଦ୍ର ସାମଲ, ସନ୍ତୋଷ କୁମାର ପଣ୍ଡା, ଜଙ୍ଗନାରାୟଣ ବେହେରା, ବାବୁଲା ଗୁରୁଲା, ତପସ୍ୱୀନି ପଣ୍ଡା, କବିତା ମହାଙ୍କୁଡ଼ ପ୍ରମୁଖ କାର୍ଯ୍ୟକର୍ତ୍ତା ଗସ୍ତ କରିଥିବା ଜଣାପଡ଼ିଛି। ଜନଜାତି ବର୍ଗର ଖେଳାଳିଙ୍କ ବିକାଶ ପାଇଁ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଗଜପତି ଜିଲାର ଖେଳାଳିଙ୍କପ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।




ଫୁଲବାଣୀ ଗସ୍ତରେ ବାହାରିଥିବା ଗଜପତିର ୨ ଟିମ୍ ଓ କାର୍ଯ୍ୟକର୍ତ୍ତା।

## ସଂକ୍ଷେପରେ

### ବାଇକ ଦୁର୍ଘଟଣା, ଜଣେ ମୃତ

**ନନ୍ଦପୁର,୨୨।୨(ଡି.ଏନ୍.ଏ.):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ଭେଜା ଛକ ନିକଟରେ ଶନିବାର ସକାଳେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଭେଜା ଗ୍ରାମର କମଲୋଚନ ଦୋରା। ସେ ନିଜ ସମ୍ପର୍କୀୟା ପଦ୍ମା ଖିନବୁଡିଙ୍କ ସହ ବାଇକ (ଓଡି୧୦ ଏନ୍ ୫୬୩୭) ଯୋଗେ ସୁବଲା ଗ୍ରାମକୁ ଯାଉଥିଲେ। ବିପରୀତ ଦିଗରୁ ସେମଳା ଗ୍ରାମର ପୁରୁଷୋତ୍ତମ ଖିନବୁଡି ଓ ବୈରାଗୀପୁଟର ମୁରଲି ଖିନବୁଡି ଲଡା ଗ୍ରାମରୁ ଯାତ୍ରା ଦେଖି ବାଇକ (ଓଆର୍୧୦ ଜେ ୫୮୨୨) ଫେରୁଥିଲେ। ଉଭୟ ବାଇକ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ କମଲଲୋଚନ ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ପଦ୍ମା ଖିନବୁଡିଙ୍କୁ ଲମତାପୁଟ ଆଶା କିରଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁରୁଷୋତ୍ତମ ଓ ମୁରଲିଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଚିନ୍ମୟ ଦାଶ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

### ବାଇକ ଦୁର୍ଘଟଣା, ୨ ଆହତ

**ଦଶମନ୍ତପୁର,୨୨।୨(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ରତାବନ୍ଧ ଗ୍ରାମର ଜଣେ ବ୍ୟକ୍ତି ବାଇକ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ ହେଲେ ଚକ୍ର ମୁଦୁଲିଙ୍କ ପୁଅ ଖାସେରା ମୁଦୁଲି (୧୭)। ଶୁକ୍ରବାର ରାତିରେ ଖାସେରାଙ୍କ ସହ ରତାବନ୍ଧ ଗ୍ରାମର କେତେକ ଲୋକ ଗୁମ୍ମା ଗ୍ରାମରେ ଚାଲିଥିବା ଜାଗର ଯାତ୍ରା ଦେଖିବାକୁ ଚାଲିଚାଲି ଯାଉଥିଲେ। ସେତିକିବେଳେ ପିଣ୍ଡାପଦର ପଞ୍ଚାୟତ ମରିଚଗୁଡ଼ା ଗ୍ରାମର ମଣ୍ଟୁ ମୁଦୁଲି (୧୬), କୁମ୍ଭ ମୁଦୁଲି ଓ ପିଣ୍ଟୁ ମୁଦୁଲି ଜାଗର ଦେଖିବା ପାଇଁ ବାଇକରେ ଗିର୍ଲିଗୁମ୍ମା ଯାଉଥିଲେ। କିନ୍ତୁ ସେମାନଙ୍କ ବାଇକ୍ ଭାରସାମ୍ୟ ହରାଇ ଖାସେରାଙ୍କୁ ଧକ୍କା ଦେଇଥିଲା। ଏଥିରେ ଗୁରୁତର ଥିବା ଖାସେରାଙ୍କୁ ସ୍ଥାନୀୟ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା କୃତ୍ତିବାସ ମୁଦୁଲିଙ୍କ ନାବାଳକ ପୁଅ ମଣ୍ଟୁ ମଧ ଆହତ ହୋଇ ବର୍ତ୍ତମାନ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

### ଦୁର୍ଘଟଣାରେ ୩ ଆହତ



**ସୁନାବେଡ଼ା,୨୨।୨:** ୨୬ ନମ୍ବର ଜାତୀୟ ରାଜପଥରୁ ସେମିଲିଗୁଡ଼ା କଲେଜ ଛକ ନିକଟରେ ଶନିବାର ଦିନ ୧୦ଟାରେ ଦୁଇ ବାଇକ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ରହିଛନ୍ତି। ସମସ୍ତ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସୁନାବେଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଗୁରୁତର ବାଇକ ଚାଳକ ଏସ୍. କେ. ବାସାଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ହେବାରୁ ସେଠାରୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସୁନାବେଡ଼ାର ବାବୁଲି ପାତ୍ର ଓ ତାଙ୍କ ପୁଅ ବିରେନ ପାତ୍ର କୌଣସି କାର୍ଯ୍ୟ ପାଇଁ ଟିଭିଏସ୍ ବାଇକ (ଓଡି୦୮ ଜି ୮୭୨୦) ଯୋଗେ ସୁନାବେଡ଼ାରୁ ସେମିଲିଗୁଡ଼ା ଆସୁଥିଲେ। ସେହିପରି ବିପରୀତ ଦିଗରୁ ଅନ୍ୟ ଦୁଇ ଜଣ ଏସ୍.କେ. ବାସା ଓ ଅଲିସ ଧଡକା ଦୁଇ ସାଙ୍ଗ ଏକ ହୋଣ୍ଡା ବାଇକ (ଓଡି୧୦ ଜି ୮୭୮୬)ରେ ସେମିଲିଗୁଡ଼ାରୁ ସୁନାବେଡ଼ା ଆସୁଥିଲେ। ଦୁଇ ବାଇକ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ସୁନାବେଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଘଟଣାସ୍ଥଳରୁ ଦୁଇଟି ବାଇକ ଜବତ କରି ଥାନାକୁ ନେଇଛି।

# ବାଟବଣା ଜଙ୍ଗଲ ଜମି ଅଧିକାର ଆଇନ

- ଆବେଦନର ଅଧା ଲୋକଙ୍କୁ ମିଳିଛି ଶିରୋନାମା
- ଶିରୋନାମା ପାଇଥିବା ହିତାଧିକାରୀଙ୍କ ମଧରୁ ଅଧା ଲୋକଙ୍କ ପତ୍ତା ମିଳୁନି

**ବୈପାରୀଗୁଡ଼ା,୨୨।୨(ଡି.ଏନ୍.ଏ.)**

ବଣ ଇଲାକାରେ ବସବାସ କରୁଥିବା ଜନଜାତି ଲୋକଙ୍କୁ ଜଙ୍ଗଲ ଜମି ଉପରେ ଅଧିକାର ଦେବା ପାଇଁ ୨୦୦୬ରେ ସଂସଦରେ ଜଙ୍ଗଲ ଜମି ଅଧିକାର ଆଇନ ଗୃହୀତ ହୋଇଛି। ଏହି ଆଇନ ଯୋଗୁ ଜଙ୍ଗଲରେ ଦୀର୍ଘ ବର୍ଷ ହେବ ବସବାସ କରୁଥିବା ଆଦିବାସୀ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପ୍ରଶାସନିକ ସ୍ତରରେ ଉଦାସୀନତା ଆଦିବାସୀଙ୍କ ଆଶାକୁ ଧୂଳିସାତ୍ କରିଛି। ବହୁ କମ୍ ସଂଖ୍ୟକ ହିତାଧିକାରୀ ଜଙ୍ଗଲ ଜମି ଶିରୋନାମା ପାଇଥିବା ବେଳେ ସେଥିରେ ଜାଗାର ମ୍ୟାପ୍, ଖାତା ଓ ପ୍ଲଟ ନମ୍ବର ଉଲ୍ଲେଖ ନାହିଁ। ହିତାଧିକାରୀଙ୍କ ଅଧିକୃତ ଜମିକ ଚିହ୍ନଟ ନ ହେବା କାରଣରୁ ଶିରୋନାମା କୌଣସି କାମରେ ଆସୁ ନ ଥିବା ଜଣାପଡ଼ିଛି।

ଟିପାକୁର ପଞ୍ଚାୟତ କାଉକୁଣ୍ଡ ଗ୍ରାମର କନ୍ଧ ସଂପ୍ରଦାୟର ଆଦିବାସୀ ଲକ୍ଷ୍ମଣ ଗୋଲରୀ। ତାଙ୍କର କୌଣସି ଚାଷଜମି ନାହିଁ। ଦୀର୍ଘବର୍ଷ ତଳୁ ତାଙ୍କୁ ଜଙ୍ଗଲ ଜମି ଶିରୋନାମା ମିଳିଛି। କିନ୍ତୁ ତାଙ୍କୁ ମିଳିଥିବା ଜଙ୍ଗଲ ଜମି ଚିହ୍ନଟ କରା ନ ଯିବା କାରଣରୁ ସେ ଚାଷ କରିପାରୁନାହାନ୍ତି। ଏନେଇ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନିଲ ସେଠୀ ଏକ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଜଙ୍ଗଲ ଜମି ହିତାଧିକାରୀଙ୍କ ସମ୍ପର୍କରେ ନିକଟରେ ଏକ ସର୍ଭେ କରିବା ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ବ୍ଲକରେ ଏ ପର୍ଯ୍ୟନ୍ତ ସମୁଦାୟ ୪ ହଜାର ୬୩୯ ଜଣ ଜଙ୍ଗଲ ଜମି ଅଧିକାର ପାଇଁ ଆବେଦନ କରିଥିବା ବେଳେ ମାତ୍ର ୨ ହଜାର ୮ ଶହ ଜଣଙ୍କୁ ଶିରୋନାମା ମିଳିଛି। ତେବେ ସର୍ଭେ ବେଳେ ୨ ହଜାର ୮ ଶହ ହିତାଧିକାରଙ୍କ ମଧରୁ ପ୍ରାୟ ୫୦ ପ୍ରତିଶତ ହିତାଧିକାରୀଙ୍କ ପତ୍ତା ମିଳୁନାହିଁ। କେଉଁଠି ଗାଁ ଛାଡ଼ି ଲୋକେ ଚାଲିଗଲେଣି ତ କେଉଁଠି ସରକାରୀ ରେକର୍ଡରେ ଥିବା ହିତାଧିକାରୀଙ୍କ ନାଁରେ କୌଣସି ଲୋକ ମିଳୁନାହାନ୍ତି। ଗାଁ ଛାଡ଼ିଥିବା ଲୋକେ କେଉଁଠିକୁ ଗଲେ, ତାହା ମଧ ସ୍ପଷ୍ଟ ଜଣାପଡୁ ନ ଥିବା ସେ କହିଛନ୍ତି। ଯାହା ଅନୁମାନ କରାଯାଉଛି ଜଙ୍ଗଲ ଜମି ଅଧିକାରରୁ ବଞ୍ଚିତ ଲୋକେ ପେଟ ପାଇଁ ଭିଟାମାଟି ଛାଡୁଛନ୍ତି। ଅନେକ ଲୋକ ଗାଁ ଛାଡ଼ି ଚାଲିଯାଇଥିବା ବେଳେ ସରକାରୀ ତଥ୍ୟରେ ମଧ ତାଳମେଳ ରହୁନାହିଁ। ସେ ସମୟରେ ଅଫିସଗୁଡ଼ିକ କମ୍ପ୍ୟୁଟରୀକରଣ ହୋଇ ନ ଥିବାର କାରଣରୁ ମାନୁଏଲ୍‌ରେ ପ୍ରସ୍ତୁତ କରାଯାଇଥିବା ରେକର୍ଡରେ ମଧ ବହୁ ବିଭ୍ରାଟ ଥିବା ମଙ୍ଗଳ ଅଧିକାରୀ କହିଛନ୍ତି। ଯାହା ଏବେ ସାମ୍ନାକୁ ଆସୁଛି। ନିୟମ ଅନୁସାରେ ଗ୍ରାମସଭା ମାଧମରେ ହିତାଧିକାରୀଙ୍କଠାରୁ ଆବେଦନପତ୍ରକୁ ଅନୁମୋଦନ କରାଯାଇ ଉପଖଣ୍ଡସ୍ତରୀୟ କମିଟିକୁ ପଠାଯାଏ। ସେହି କମିଟିର ମୁଖ୍ୟ ଉପଜିଲାପାଳ। କମିଟିର ସୁପାରିଶ ଆଧାରରେ ଜିଲାସ୍ତରୀୟ କମିଟି ଯାହାର ମୁଖ୍ୟ ଜିଲାପାଳଙ୍କ ନିଷ୍ପତ୍ତି କ୍ରମେ ହିତାଧିକାରୀଙ୍କ ଜଙ୍ଗଲ ଜମି ଶିରୋନାମା ମିଳିଥାଏ। ଏହି ପ୍ରକ୍ରିୟାରେ ଉଭୟ ରାଜସ୍ୱ ଓ ବନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ। ହିତାଧିକାରୀ ଚୟନ ବେଳେ ଜଙ୍ଗଲ ଜମି ସର୍ଭେ କାର୍ଯ୍ୟ ଉଭୟ ରାଜସ୍ୱ ଓ ବନ ବିଭାଗ ଉପସ୍ଥିତିରେ ରହିବା କଥା। କିନ୍ତୁ ଅତୀତରେ ବନ ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତିରେ ଏକତରଫା ହୋଇଥିବା ଅଭିଯୋଗ ହେଉଛି। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ, ବ୍ଲକର ଗୁପ୍ତେଶ୍ୱର ପଞ୍ଚାୟତରେ ବସବାସ କରୁଥିବା ଦୁରୁଆ ସଂପ୍ରଦାୟ ଲୋକଙ୍କୁ ଜଙ୍ଗଲ ଜମିପଟ୍ଟା ମିଳିଛି । ସେମାନେ ସରକାରୀ ଭାବେ ଆଦିବାସୀ ମାନ୍ୟତା ପାଉ ନ ଥିବାବେଳେ ସେମାନଙ୍କ ଜଙ୍ଗଲ ଜମି ଅଧିକାରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସାଇକେଲରେ ବୁଲି ଟ୍ରାଫିକ ସଚେତନତା କରୁଛନ୍ତି ସତ୍ୟବାଦୀ

**ଅଭିନବ ପ୍ରୟାସ**

**ଜୟପୁର,୨୨।୨(ଡି.ଏନ୍.ଏ.)**

ମାର୍ଚ୍ଚ ପହିଲାରୁ ଦେଶ ଓ ରାଜ୍ୟରେ ଟ୍ରାଫିକ ନିୟମ କଡ଼ାକଡ଼ି ପାଳନ କରାଯିବ। ସରକାରଙ୍କ ଏହି ନିୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କ ସୁରକ୍ଷା। ମାର୍ଚ୍ଚ ପୂର୍ବରୁ ଦୁଇ, ଚାରିଚକିଆ ଚାଳକମାନେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର, ବୀମା, ଅନ୍ୟ କାଗଜପତ୍ରର ବ୍ୟବସ୍ଥା କରିବା ଜରୁରୀ। ଜୟପୁର ଲକ୍ଷ୍ମୀନଗରର ବାସିନ୍ଦା ତଥା ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସତ୍ୟବାଦୀ ପଟ୍ଟନାୟକ ସାଇକେଲରେ ସହର ସାରା ବୁଲିବୁଲି ଏ ଦିଗରେ ଲୋକଙ୍କୁ ସଚେତନ କରୁଛନ୍ତି। 'ମାର୍ଚ୍ଚ ୧ରୁ ଟ୍ରାଫିକ ଛାଟ' ଲେଖା ହୋଇଥିବା ଗୋଟିଏ ପ୍ଲାକାର୍ଡ଼କୁ ସାଇକଲେରେ ଟଙ୍ଗାଇ ସେ ଜୟପୁର ସରକାରୀ ଓ ଘରୋଇ ବସ୍‌ଷ୍ଟାଣ୍ଡ, ସମସ୍ତ ପେଟ୍ରୋଲ ପମ୍ପ ନିକଟରେ ବାଇକ ଚାଳକଙ୍କୁ ହେଲମେଟ୍ ପିନ୍ଧିବା, ଚାରିଚକିଆ ଚାଳକ ସିଟ୍ ବେଲ୍ଟ ବାନ୍ଧିବା ନେଇ ପରାମର୍ଶ ଦେଉଛନ୍ତି। ଶନିବାରଠାରୁ ସେ ଆରମ୍ଭ କରିଥିବା ଏହି ଅଭିଯାନ ୨୯ ତାରିଖ ମଧରାତ୍ରି ପର୍ଯ୍ୟନ୍ତ ଚାଲିବ। ସାଇକେଲ ଯୋଗେ ହିଁ ସେ ବୋରିଗୁମ୍ମା, ନବରଙ୍ଗପୁର ପର୍ଯ୍ୟନ୍ତ ଯାତ୍ରା କରି ଟ୍ରାଫିକ ସଚେତନତା ବାର୍ତ୍ତା ବାଣ୍ଟିବାରେ ଲାଗିଛନ୍ତି।


ସାଇକେଲରେ ସତ୍ୟବାଦୀ ।

## ଅପରେଶନ ଟିମ୍‌କୁ ହରାଇ ମାଇନ୍ସ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

**ନାଲ୍‌କୋ ଆନ୍ତଃବିଭାଗୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ଦାମନଯୋଡ଼ି,୨୨।୨(ଡି.ଏନ୍.ଏ.)**

ନାଲ୍‌କୋ ସ୍ପୋର୍ଟସ୍ ସେଲ ଆନୁକୂଲ୍ୟରେ ଦାମନଯୋଡ଼ିରେ ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର ଆନ୍ତଃବିଭାଗୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଗତ ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ନାଲ୍‌କୋ କମ୍ୟୁନିଟି ସେଣ୍ଟର ଭଲିବଲ୍ ପ୍ରାଙ୍ଗଣରେ ଫ୍ଲଡ୍ ଲାଇଟ୍‌ରେ ଆୟୋଜିତ ଟୁର୍ନାମେଣ୍ଟରେ ମେକାନିକାଲ, ଇଲେକ୍ଟ୍ରିକାଲ୍, ଅପରେଶନ ଓ ମାଇନ୍ସ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମାଇନ୍ସ ଦଳ ଅପରେଶନ ଦଳକୁ ୨–୦ ସେଟ୍‌ରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ମ୍ୟାଚ୍ ଶେଷରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବି ଶଙ୍କର ଦାସ ମୁଖ୍ୟ ଅତିଥି ଓ ମହାପ୍ରବନ୍ଧକ ସୁଶୀଲ ପାଢ଼ୀ, ବିକାଶ ପଣ୍ଡା, ବ୍ରଜକିଶୋର ଦାସ, ରବି ନାରାୟଣ ଉପାଧ୍ୟାୟ, ରସିଦ ୱାରିସ, ସୁବ୍ରତ ମହାନ୍ତି, ଡିଜିଏମ୍ ଅମରେନ୍ଦ୍ର ମିଶ୍ର, ସ୍ପୋର୍ଟସ୍ ସେଲ୍ ଚେୟାରମ୍ୟାନ୍ ମଳୟ ଆଚାର୍ଯ୍ୟ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅପରେଶନ ଦଳର ହରିଶଙ୍କର ଲାକ୍ରାଙ୍କୁ ଶ୍ରେଷ୍ଠ ସେଟର୍, ମାଇନ୍ସ ଦଳର ଜଗବନ୍ଧୁ ଖରାଙ୍କୁ ଶ୍ରେଷ୍ଠ ସ୍ମାଇକର୍ ଏବଂ କିରଣ କୁଲଦୀପଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ରେଫରି ପ୍ରବୀନ ବହିଦାର ଓ ବିପିନ ବିହାରୀ ନନ୍ଦ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ଭାସ୍କର ଶ୍ରୀହରି ଓ ଲାବଣ୍ୟ ଖରା ଲାଇନ ଜଜ୍ ଥିଲେ। ବସନ୍ତ ପଣ୍ଡା ସ୍କୋରର ଓ ନିର୍ମଳ ରାଉତ ଧାରା ବିବରଣୀ ଦେଇଥିଲେ। ଅରୁଣ ମହାନ୍ତି, ହରିଶଙ୍କର ଲାକ୍ରା, ପୂର୍ଣ୍ଣଚନ୍ଦ୍ର ଗୌଡ଼, ବି. ନିମାଲୁ, ସଞ୍ଜୟ ସାହୁ, ଅଶୋକ ଦାସ, ରାଜେଶ ବେହେରା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ନାଲକୋ ସ୍ପୋର୍ଟସ୍ ସେଲ ଇନଚାର୍ଜ ଶଶାଙ୍କ ଶେଖର ସାହୁ ଉଦ୍‌ଯାପନୀ ଉତ୍ସବରେ ଧନ୍ୟବାଦ ଦେଇଥିଲେ।

## ଜେଇଏଲ୍‌ସିକୁ ବିଦେଶୀ ସହାୟତା ବନ୍ଦ

**ଜୟପୁର,୨୨।୨(ଡି.ଏନ୍.ଏ.)**

ଦେଶ ସ୍ୱାଧୀନତା ପୂର୍ବରୁ ୧୯୧୧ରେ ମିଶନାରୀ ସଂସ୍ଥା ଇଭାଞ୍ଜେଲିକାଲ ଲୁଥରାନ ଚର୍ଚ୍ଚ (ଜେଇଏଲସି) ଜୟପୁରରେ ସ୍ଥାପିତ ହୋଇଥିଲା। ଏହାଦ୍ୱାରା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ପଡ଼ୋଶୀ ଛତିଶଗଡ଼ର ବସ୍ତର ଜିଲା ଭଳି ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚ, ବିଦ୍ୟାଳୟ, ଅନ୍ୟ ସଂସ୍ଥା ପରିଚାଳିତ ହେଉଛି। କିନ୍ତୁ ଗତ ଫେବୃୟାରୀ ୬ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ବିଦେଶୀ ବିଭାଗର ମନିଟରିଂ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇ ଆସନ୍ତା ୧୮୦ ଦିନ ପର୍ଯ୍ୟନ୍ତ ଜେଇଏଲସିକୁ ବିଦେଶୁ ଆସୁଥିବା ସହାୟତା ପଞ୍ଜିକୃତ ନମ୍ବରକୁ ଅସ୍ଥାୟୀ ଭାବେ ସସପେଣ୍ଡ କରାଯାଇଛି। ଫଳରେ ଏହି ସଂସ୍ଥାକୁ ବିଦେଶରୁ ଆସୁଥିବା ବିଭିନ୍ନ ସହାୟତା ଏହି ସମୟ ମଧରେ ସ୍ଥଗିତ ରହିବ। ଏନେଇ ଜେଇଏଲସି ମୁଖ୍ୟ ବିଶପଙ୍କୁ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଜେଇଏଲସି ସଂପାଦକ ମନୋଜ ହିଆଲଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଥିଲେ।

## ନୂତନ ଥାନାଗୃହ ଉଦ୍‌ଘାଟିତ

**ଅନକାଡେଲି/ସେମିଲିଗୁଡ଼ା, ୨୨।୨(ସ୍ୱ.ପ୍ର.)**

କୋରାପୁଟ ଜିଲା ଲମତାପୁଟ ବ୍ଲକର ଚିକେନପୁଟ ପଞ୍ଚାୟତ ମାଛକୁଣ୍ଡରେ ଶନିବାର କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ. ମୁଖ୍ୟ ଅତିଥି ଭାବେ ନବ ନିର୍ମିତ ଥାନାଗୃହର ଉଦ୍‌ଘାଟନ କରିଛନ୍ତି। ସେ ତାଙ୍କ ବକ୍ତବ୍ୟରେ ମାଓବାଦୀଙ୍କ ଭୟ ଓ କୌଣସି ଚାପରେ ବଶବର୍ତ୍ତୀ ନହୋଇ ଏହି ଅଞ୍ଚଳର ଶାନ୍ତି ଓ ଉନ୍ନତି ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ତା' ସହିତ ପୋଲିସ ଓ ସାଧାରଣ ଲୋକଙ୍କ ମଧରେ ଦୂରତା ନ ରଖି ନିର୍ଭୟର ସହ ପ୍ରଶାସନ ଓ ପୋଲିସ ପାଖରେ ନିଜର ସମସ୍ୟାକୁ ଉପସ୍ଥାପିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।


ନୂତନ ଥାନା ଗୃହ ଉଦଘାଟନ କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସହ ଅନ୍ୟମାନେ ।

## ବୃଦ୍ଧାବୃଦ୍ଧଙ୍କୁ ବଳି ପଡୁଛି ଭତ୍ତା ଦୁଃଖ

**କୋଲାବନଗର,୨୨।୨(ଡି.ଏନ୍.ଏ.)**

କୋରାପୁଟ ସଦର ବ୍ଲକ ଅଧୀନରେ ଥିବା ବଡ଼କେରେଙ୍ଗା ପଞ୍ଚାୟତର ବୃଦ୍ଧାବୃଦ୍ଧ ପେନସନ ନ ପାଇବାର ଦୁଃଖ ଦିନକୁ ଦିନ ଅସହ୍ୟ ହୋଇପଡୁଛି। ବଡ଼କେରେଙ୍ଗା ପଞ୍ଚାୟତରୁ ଚକୁଳିଗୁଡା ଆଦିବାସୀ ଗ୍ରାମଟି ୪ କି.ମି. ଦୂରରେ ରହିଛି । ପରିଣତ ବୟସରେ ଚାଲି ନ ପାରୁଥିବା ୬୦ରୁ ୮୦ ବର୍ଷର ବୃଦ୍ଧାବୃଦ୍ଧମାନେ ଜଙ୍ଗଲ ପାହାଡ଼ ରାସ୍ତାରେ ହାତରେ ଛତା ଧରି ଚାଲିଚାଲି ବହୁ କଷ୍ଟରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚୁଛନ୍ତି ପେନ୍‌ସନ ଗଣ୍ଡାକ ନେବା ପାଇଁ । ହାତରେ ପାଣି ବୋତଲ, ଚାଲି ନ ପାରି ଗଛ ଛାଇରେ ଆଶ୍ରୟ ନେଉଛନ୍ତି। ୪ କି.ମି. ରାସ୍ତା ଅତିକ୍ରମ ପାଇଁ ସେମାନଙ୍କୁ ୪ ଘଣ୍ଟା ଲାଗୁଛି । ୭୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ତାଙ୍କ ଘରେ ପେନସନ ଦେବାର ନିୟମ ସରକାର ନିର୍ଦ୍ଧାରଣ କରିଥିବା ବେଳେ ସରକାରୀ କର୍ମଚାରୀମାନେ ନିୟମକୁ ଉଲ୍ଲଂଘନ କରି ବୃଦ୍ଧାବୃଦ୍ଧଙ୍କୁ ପେନସନ ଗଣ୍ଡାକ ପାଇଁ ନାହିଁ ନ ଥିବା କଷ୍ଟ ଦେଉଛନ୍ତି ବୋଲି ଚକୁଳିଗୁଡାର କମଳୁ ଜାନୀ (୭୨), ସନାଇ ଜାନୀ (୭୮), ଲକ୍ଷ୍ମୀ ମୁଦୁଲି (୮୧), ମଣି ଜାନୀ (୬୬), ରାମା ମୁଦୁଲି (୬୮), ତୁଳସା କିର୍ସାନି (୭୭) ବହୁ ଦୁଃଖରେ ଅଭିଯୋଗ କରିଛନ୍ତି । ଏଥିପ୍ରତି ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।


ଭତ୍ତା ଆଶାରେ ଥିବା ବୃଦ୍ଧାବୃଦ୍ଧ ।

## ୨ ଦିନ ହେଲାଣି ପଡ଼ିରହିଛି ହରିଣର ଗଳିତ ମୃତଦେହ

**ବେଗୁନିଆପଡ଼ା, ୨୨।୨ (ଡି.ଏନ.ଏ.)–** କୋଦଳା ଠାରୁ ଖଲ୍ଲିକୋଟ ରାସ୍ତା ଖରଖରି ସେତୁ ନିକଟରେ ଏକ ହରିଣର ଗଳିତ ଶବ ପଡିଛି। ମୃତ ହରିଣଟି ୩ ମାସର ଏକ ଅଣ୍ଡିରା ହରିଣ। ଦୁଇଦିନ ତଳେ ମୃତ୍ୟୁ ହୋଇଥିବା ଜଣାପଡିଛି। ଗତ ଏକ ମାସ ତଳେ ଏହି ରାସ୍ତାର ବାଲିପୋଇ ନିକଟରେ ଏକ ହରିଣର ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ୨୦୨୦ ମସିହାର ଏହା ଦ୍ୱିତୀୟ ମୃତ୍ୟୁ ବୋଲି ଜଣାପଡିଛି। ବିଭାଗ ପକ୍ଷରୁ ଏହି ରାସ୍ତାରେ ହରିଣଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବିଭିନ୍ନ ସମୟରେ ଏପରି ମୃତ୍ୟୁ ଘଟୁଥିବା ଜଣାପଡିଛି।

## ଜିଲା ମଙ୍ଗଳ ଅଧିକାରୀଙ୍କ ନାଁରେ ଫେରାଦ

**ଜିଲାପାଳଙ୍କ ଦ୍ୱାରସ୍ଥ**

**ସେମିଲିଗୁଡ଼ା,୨୨।୨(ସ୍ୱ.ପ୍ର.)**

କୋରାପୁଟ ଜିଲା ମଙ୍ଗଳ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜନସାଧାରଣ। ମଙ୍ଗଳ ଅଧିକାରୀ ସରକାରଙ୍କ ନୀତି ନିୟମକୁ ଖାତିର ନ କରି ଜିଲାର ଜନସାଧାରଣଙ୍କ ପ୍ରତି ଉଚିତ ବ୍ୟବହାର କରୁ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଲୋକେ। ଗ୍ରାମାଞ୍ଚଳର ଆଦିବାସୀ ଓ ଦଳିତ ଲୋକେ କୌଣସି କାର୍ଯ୍ୟ ନେଇ ଗଲେ ମଙ୍ଗଳ ଅଧିକାରୀ ଗ୍ରହଣ କରୁନାହାନ୍ତି ବୋଲି ମଧ ଅଭିଯୋଗ କରାଯାଇଛି। ସେମିଲିଗୁଡ଼ା ବ୍ଲକ କାଣ୍ଟି ପଞ୍ଚାୟତର ଆଦିବାସୀ ଲୋକେ ଶିକ୍ଷକ ସମସ୍ୟା ନେଇ ଯାଇଥିବା ବେଳେ ସେମାନଙ୍କୁ କାର୍ଯ୍ୟାଳୟ ଭିତରକୁ ପଶାଇ ଦିଆଯାଇ ନ ଥିବା ସେମାନେ କହିଛନ୍ତି। ଅଞ୍ଚଳର ଆଦିବାସୀ ଓ ଦଳିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭାଗୀୟ ବୈଠକରେ ହୀନ ଦୃଷ୍ଟି ରଖି ବ୍ୟବହାର କରାଯାଉଥିବା ମଧ ଅଭିଯୋଗ ହୋଇଛି। ନିଜ ଅଞ୍ଚଳର ଶିକ୍ଷା ସମ୍ପର୍କିତ ଅଭିଯୋଗ ସ୍ଥାନୀୟ ଲୋକପ୍ରତିନିଧି ତାଙ୍କ ଦୃଷ୍ଟିକୁ ଆଣିଲେ ମଧ ତାହା ଗ୍ରହଣ କରାଯାଉ ନ ଥିବା ସେମାନେ କହିଛନ୍ତି। ସରକାରଙ୍କ ନିୟମ ଉଲ୍ଲଂଘନ କରି ବିନା ଟେଣ୍ଡରରେ ସୌଖୀନ ଓ ବ୍ୟକ୍ତିଗତ ପଞ୍ଜିକୃତ ଗାଡ଼ି ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲା ବିଭିନ୍ନ ବ୍ଲକର ଲୋକପ୍ରତିନିଧିମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି।

## ବିନା ଫୁଡ୍ ଲାଇସେନ୍ସରେ ଲସି ଦୋକାନ

**ଯାଞ୍ଚ ନ ହେଲେ ଜଣ୍ଡିସ ବ୍ୟାପିବା ଆଶଙ୍କା**

**ଜୟପୁର,୨୨।୨(ନି.ପ୍ର.)**

କୋରାପୁଟ ଜିଲାରେ ଲସି ଦୋକାନର ବ୍ୟବସାୟ ଆରମ୍ଭ ହୋଇଛି। ପ୍ରତିବର୍ଷ ଶିବରାତ୍ରକୁ କିଛି ଦିନ ବାକି ଥିବା ବେଳେ କୋରାପୁଟ ଜିଲାର ଜୟପୁର, ସେମିଳିଗୁଡ଼ା, କୋରାପୁଟ, ସୁନାବେଡ଼ା, ଦାମନଯୋଡ଼ି ଭଳି ସହରରେ ଲସି ଦୋକାନ ଖୋଲିଥାଏ। କିନ୍ତୁ ବିନା ଫୁଡ ଲାଇସେନ୍ସରେ ଲସି ଦୋକାନ ଖୋଲାଯାଇଥିବା ଅଭିଯୋଗ ହୋଇଛି । ଫେବୃଆରୀ ମାସରେ ଏଥର ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇଥିବା ବେଳେ କୋରାପୁଟ ଜିଲାର ବିଭିନ୍ନ ଗଳିକନ୍ଦିରେ ଲସି ଦୋକାନ ଖୋଲିଲାଣି। ଚାଷୀଙ୍କୁ ଅଧିକ ଦେୟ ଦେବା ପାଇଁ ଓମଫେଡ ପକ୍ଷରୁ କ୍ଷୀର ଦାମ୍ ମଧ ବୃଦ୍ଧି ପାଇଛି । ଗତ ବର୍ଷଗୁଡ଼ିକ ଅପେକ୍ଷା ନଡ଼ିଆ ଦର ମଧ ବୃଦ୍ଧି ପାଇଛି । ଜୟପୁର ସହରର ଲସି ଦୋକାନରେ ମଧ ଏହାର ଦର ବଢ଼ିଛି। ଲସି ଦୋକାନ ଖୋଲିବା ପାଇଁ ଫୁଡ ଲାଇସେନ୍ସର ଆବଶ୍ୟକତା ଥିବାବେଳେ ଏଠାରେ ଏହି ଲାଇସେନ୍ସକୁ ଅଣଦେଖା କରାଯାଇଛି। କେତେକ ଦୋକାନରେ ଲସିରେ ବାସି ଦହି, ଭେଜାଲ ଦହି ବ୍ୟବହାର କରାଯାଉଥିବା ମଧ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଏହାର ନିୟମିତ ଯାଞ୍ଚ କରିବା ଆବଶ୍ୟକ ହୋଇପଡ଼ିଛି। ନଚେତ୍ ଭେଜାଲ ଲସି ପିଇ ଜଣ୍ଡିସ ବ୍ୟାପିବାର ଆଶଙ୍କା ରହିଛି। ସହରରେ ବାଦାମ ମିଲ୍କ, ସରବତ ମଧ ବିକ୍ରି ଜୋରସୋରରେ ଚାଲିଛି । ଗ୍ରୀଷ୍ମର ପ୍ରକୋପ ଯେତେ ବଢ଼ିବ, ଲୋକେ ସେତିକି ଥଣ୍ଡାପାନୀୟ ପ୍ରତି ଆକୃଷ୍ଟ ହେବେ। ବାଦାମ ମିଲ୍କରେ ସ୍ୱଚ୍ଛ ପାଣି ବ୍ୟବହାର କରାଯାଉଛି କି ନାହିଁ, ତାହା ମଧ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ଏହା ସହ ଆଖୁରସ ମଧ ବିକ୍ରି ଚାଲିଛି। କୋରାପୁଟ ଜିଲା ଜୟପୁରରେ ଆଖୁରସ, ଲସି ଆଦି ଦର ନିୟନ୍ତ୍ରଣ କରାଯାଉନାହିଁ । ବ୍ୟବସାୟୀମାନେ ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି। ଏହି ବେପାର ଶିବରାତ୍ରି ସମୟରୁ ଆରମ୍ଭ ହୋଇ ରଜ ସଂକ୍ରାନ୍ତି ଯାଏ ପ୍ରାୟ ୩ ମାସ ଧରି ଚାଲିବ। ତେଣୁ ବିଭାଗ ଦର ନିୟନ୍ତ୍ରଣ କରିବା ସହ ମାନ ଯାଞ୍ଚ କରିବା ପାଇଁ ସଚେତନ ନାଗରିକ କମିଟିର ସାଧାରଣ ସମ୍ପାଦକ ଅକ୍ଷୟ ସାହୁ ଦାବି କରିଛନ୍ତି।

## ସଂକ୍ଷେପରେ

### ଅଖଣ୍ଡ ଭଜନ କାର୍ଯ୍ୟକ୍ରମ

ଡାବୁଗାଁ, ୨୨।୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଡ଼ଙ୍ଗରିଗୁଡା ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିରରେ ଡାବୁଗାଁ ସତ୍ୟସାଇ ସେବା ସମିତି ତରଫରୁ ମହା ଶିବରାତ୍ରୀ ଉପଲକ୍ଷେ ୧୨ ଘଣ୍ଟିଆ ଅଖଣ୍ଡ ଭଜନ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇ ଶନିବାର ସକାଳେ ଶେଷ ହୋଇଛି। ଏଥିରେ ପ୍ରାତଃ ସମୟରେ ଓଁକାର, ସୁପ୍ରଭାତମ, ନଗର ସଙ୍କୀର୍ତ୍ତନ, ସହସ୍ର ନାମ ପୂଜା,ଶିବା ଉପାସନା ମନ୍ତ୍ର ଆଦି କରାଯାଇଥିଲା । ରାତ୍ର ୧୦ ଟା ରେ ମହାଦୀପ ଉଠାଯାଇଥିଲା। ଜିଲା ସେବା ସଂଯୋଜକ ଏ. ବାଲରାଜୁ ଭଗବାନ ସତ୍ୟସାଇ ବାବାଙ୍କୁ ଆରତୀ ପ୍ରଦାନ କରିଥିଲେ। ଏଥିରେ ଡାବୁଗାଁ ସେବା ସମିତିର ଆବାହକ ପବିତ୍ର କୁମାର ଜେନା, ନବରଙ୍ଗପୁରର ଶଙ୍କର ପଟ୍ଟନାୟକ, ଡାବୁଗାଁ ସମିତିର ସୁଦର୍ଶନ ମହାଙ୍କୁଡ, ନିତ୍ୟାନନ୍ଦ ମହାନ୍ତି, ରତିକାନ୍ତ ନାୟକ, ରାଇସିଂ ପୂଜାରୀ, ଧଳେନ୍ଦ୍ର ଦ୍ୱାରୀ, ଇ. ସରୋଜିନୀ, ଧନପତି ପନକା, ମାଧବ ବାଘ, ସୁରେନ୍ଦ୍ର ବାଘ, ଜଗଦୀଶ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

### ପୃଥକ୍ ଦୁର୍ଘଟଣା: ୪ ଗୁରୁତର

କୁଆମରା, ୨୨।୨(ଡି.ଏନ.ଏ.)

ଶୁକ୍ରବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲା ଉଦଳା-ବୈଶିଙ୍ଗା ରାସ୍ତାର ୩ଟି ପୃଥକ ସ୍ଥାନରେ ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଶିବରାତ୍ରୀ ଉପଲକ୍ଷେ ଖୁଣ୍ଟା ଥାନା ପଶୁଦା ଗ୍ରାମରୁ ୬ଜଣ ଏକ ଅଟୋ ଯୋଗେ ମାଣତ୍ରୀ ଯାଇ ସେଠାରୁ ରାତି ୧୦ଟାରେ ଫେରୁଥିବା ବେଳେ ଭୀମଦା ଫାଣ୍ଡି ବେଗୁନିଆବଣି ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଫଳରେ ସେଥିରେ ବସିଥିବା ୬ଜଣଙ୍କ ମଧ୍ୟରୁ ଜିତେନ୍ଦ୍ର ସିଂ ଓ ମନୋରଞ୍ଜନ ସିଂଙ୍କ ଅବସ୍ଥା ଗୁରୁତର ହୋଇଛି। ଅନ୍ୟମାନେ ଆହତ ହୋଇଛନ୍ତି। ବୈଶଙ୍ଗା ଗ୍ରାମରୁ ସଞ୍ଜୀବ ବେହେରା ଓ ଜଗବନ୍ଧୁ ଦାସ ଉଭୟ ଏକ ବାଇକ ଯୋଗେ ଉଦଳାରୁ ଘରକୁ ଫେରୁଥିବା ବେଳେ କୁଆମରା ଫାଣ୍ଡି ଗଡିଆମାଳ ନିକଟରେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଦୁହିଁଙ୍କ ଅବସ୍ଥା ଗୁରୁତର ରହିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବଡସାହି ଥାନା ତେନ୍ତୁଳି ଗାଁ ହନୁମାନ ମନ୍ଦିର ନିକଟରେ ଏକ ବାଇକ ଦୁର୍ଘଟଣା ଘଟି ବଡବିଲା ଗ୍ରାମର ସୁନାରାମ ମୁର୍ମୁ, ଶୁକୁରା ସିଂ ଓ ଶକ୍ତି ସିଂ ଆହତ ହୋଇଛନ୍ତି। ଦୁର୍ଘଟଣା ଖବରପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତ ଆହତ ଓ ଗୁରୁତରମାନଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସଞ୍ଜୀବ, ଜଗବନ୍ଧୁ, ଜିତେନ୍ଦ୍ର ଓ ମନୋରଞ୍ଜନ ୪ଜଣ ଗୁରୁତରଙ୍କ ବାରିପଦା ଓ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ୩ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଡାକ୍ତର ଜ୍ୟୋତିକୃଷ୍ଣ କାଣ୍ଟ ସୂଚନା ଦେଇଛନ୍ତି।

# ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ଅନିୟମିତତା

## କୁଇଣ୍ଟାଲରେ ୨୦ କି.ଗ୍ରା. କମ୍ ଚାଉଳ ଯୋଗାଣ ହେଉଛି

ଡାବୁଗାଁ, ୨୨।୨ (ଡି.ଏନ.ଏ.)

ପ୍ରଥମ ଶ୍ରେଣୀ ରୁ ୮ମ ଶ୍ରେଣୀ ପିଲାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ କରୁଥିବା ଠିକାଦାର ବିଦ୍ୟାଳୟକୁ ଆବଶ୍ୟକତା ଠାରୁ କମ ଚାଉଳ ଯୋଗାଣ କରୁଛନ୍ତି । ୫୦ କିଗ୍ରା ବସ୍ତାରେ ୪୦ ରୁ ୪୧ କିଗ୍ରା ରହୁଛି। ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବିଦ୍ୟାଳୟରେ ଠିକାଦାର କମ ଚାଉଳ ଯୋଗାଣ କରୁଥିବା ଅଭିଯୋଗ ହୋଇଛି।

ଡାବୁଗାଁ ବ୍ଲକ ଅଧୀନ ମୋଟ ୧୦୮ ବିଦ୍ୟାଳୟକୁ ଚାଉଳ ଯୋଗାଣ ନିମନ୍ତେ ନବରଙ୍ଗପୁରର ଜଣେ ଠିକାଦାରଙ୍କୁ ଶିକ୍ଷା ବିଭାଗ ତରଫରୁ ଅନୁମତି ଦିଆଯାଇଛି । ବୁଧବାର ରାତିରେ ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ଆଞ୍ଚଳିକ ସାଧନ କେନ୍ଦ୍ର ଜି. କାମତା ବିଦ୍ୟାଳୟର ରୋଷେୟାଙ୍କ ଘରେ ଠିକାଦାର ମଧ୍ୟାହ୍ନ ଭୋଜନ ଚାଉଳ ଦେଇଥିଲେ। ମୋଟ ୧୦ କୁଇଣ୍ଟାଲ ଚାଉଳ ଅଛି ବୋଲି କହିଥିଲେ । ଗୁରୁବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗ ଭତରା, ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଚାଉଳ ବସ୍ତାଗୁଡିକ ଓଜନ କରାଯାଇଥିଲା। ତେବେ ୫୦ କିଗ୍ରା ବସ୍ତାରେ ୪୦ ରୁ ୪୧ କିଗ୍ରା ଚାଉଳ ଥିବା ଜଣାପଡିଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଙ୍କଜ କୁମାର ମହାନ୍ତିଙ୍କୁ ଏ ସମ୍ପର୍କରେ ଜଗ ଭତରା ଜଣାଇଥିଲେ । ୧ କୁଇଣ୍ଟାଲରେ ୨୦ କିଗ୍ରା ଚାଉଳ କମ ଥିବାବେଳେ ୧୦ କୁଇଣ୍ଟାଲରେ ମୋଟ ୧


ମଧ୍ୟାହ୍ନଭୋଜନ ଚାଉଳ ବସ୍ତା ଓଜନ କରାଯାଉଛି।

କୁଇଣ୍ଟାଲ ଚାଉଳ କମ ଥିବା ଦର୍ଶାଇଥିଲେ । ୧୦ କୁଇଣ୍ଟାଲ ଚାଉଳ ଯୋଗାଣ ହୋଇଥିବା ଠିକାଦାର ଦର୍ଶାଇଥିବା ବେଳେ ବିଦ୍ୟାଳୟ କମିଟି ୯ କୁଇଣ୍ଟାଲ ଚାଉଳ ପାଇଛି ବୋଲି ଜଣାଇଥିଲେ। ବର୍ଷ ବର୍ଷ ଧରି ଉକ୍ତ ସଂସ୍ଥା ଚାଉଳ ଯୋଗାଣରେ ବସ୍ତା ପିଛା ୧୦ କିଗ୍ରା ଲେଖାଏଁ କମ ପରିମାଣର ଚାଉଳ ଦେଉଥିଲେ ସୁଧା ତାଙ୍କ ବିରୋଧରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଏ ସମ୍ପର୍କରେ ଶିକ୍ଷା ବିଭାଗର ଅଧିକାରୀ ମାନେ ଅବଗତ ଥିଲେ ସୁଧା ଉକ୍ତ ଚାଉଳ ଯୋଗାଣକାରୀ ଠିକାଦାରକୁ କାହିଁକି ସୁରକ୍ଷା ଦେଉଛନ୍ତି , ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ କମ ଦିଆଯାଉଥିଲେ ମଧ ଭୟରେ ଶିକ୍ଷକମାନେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିପାରୁ ନାହାଁନ୍ତି। ଗତ ମାସରେ ଡାବୁଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନବରଙ୍ଗପୁରର ଉକ୍ତ ଚାଉଳ ଯୋଗାଣକାରୀ ଠିକାଦାର ଠିକ ସମୟରେ ମଧ୍ୟାହ୍ନ ଭୋଜନ ଚାଉଳ ଦେଉନଥିବା, ଓଜନରେ ଠକେଇ କରୁଥିବା ଏବଂ ବିଦ୍ୟାଳୟ ସମୟ ମଧ୍ୟରେ ଚାଉଳ ନଦେଇ ବିଦ୍ୟାଳୟ ଛୁଟି ପରେ ରାତିରେ ଆଣି ଦେଉଥିବା ଅଭିଯୋଗ କରିଥିଲେ। ମଧ୍ୟାହ୍ନ ଭୋଜନ ଚାଉଳ ଠକେଇ ରୋକିବା ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଶିକ୍ଷକ ମାନଙ୍କ ମହଲରେ ଦାବି ହେଉଛି । ଏନେଇ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତାଙ୍କୁ ଯୋଗାଯୋଗ କରିବାରୁ ଏନେଇ ଅଭିଯୋଗ ପାଇବା ପରେ ଏହାର ସମାଧାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଥିଲେ ।

# ଭାଜପା ଜିଲା ସଭାପତିଙ୍କ ଚନ୍ଦାହାଣ୍ଡି ଗସ୍ତ


ଭାଜପା ଜିଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି ।

ଚନ୍ଦାହାଣ୍ଡି,୨୨।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ଭାଜପା ସଭାପତି ଜଗଦିଶ ବିଶୋଇ ଶନିବାର ଚନ୍ଦାହାଣ୍ଡି ଗସ୍ତ କରିଛନ୍ତି। ଭାଜପା କାର୍ଯ୍ୟାଳୟରେ ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ଜିଲା ଓବିସି ମୋର୍ଚ୍ଚାର ସଭାପତି ମନୋଜ ମହାକୁଡ, ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି, ଭାଜପା ନେତା ନରସିଂ ଭତରା, ଦିଲୀପ ଦାସ, ପ୍ରଭାତ ସୁନା, ସୁବଳ ବାଘ, ଗୌରାଙ୍ଗ ମନହିରା, ବିଭିଷଣ ମନହିରା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୮ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତା ଶାହାଙ୍କ ଗସ୍ତ ଥିବାରୁ ଚନ୍ଦାହାଣ୍ଡି ବ୍ଲକରୁ ବିପୁଳ ସଂଖ୍ୟାରେ ସକ୍ରିୟ ସଦସ୍ୟଙ୍କ ଯୋଗ ଦେବା ଲାଗି ପରାମର୍ଶ ଦେଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ବୁଝାଇବା ସହ ପଞ୍ଚାୟତ ନିର୍ବାଚନରେ ଦଳ କିପରି ମଜବୁତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# କଣ୍ଟେନର-ମିନିଟ୍ରକ୍ ଧକ୍କା

ଭଣ୍ଡାରିପୋଖରୀ,୨୨।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ ଜାତୀୟ ରାଜପଥର ପାଳଦାବାଙ୍କଠାରେ ଶନିବାର ପୂର୍ବାହ୍ନରେ କଣ୍ଟେନର ଓ ମିନିଟ୍ରକ ଧକ୍କାରେ କଣ୍ଟେନର ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମିନିଟ୍ରକ ଚିପ୍ସ ନେଇ ପାଣିକୋଇଲି ଆଡୁ ଭଦ୍ରକ ଅଭିମୁଖେ ଆସୁଥିବାବେଳେ କଣ୍ଟେନରଟି ଭଦ୍ରକରୁ କଟକ ଆଡ଼କୁ ଯାଉଥିଲା। ପାଳଦାବାଙ୍କଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ମିନିଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ରିପୋର୍ଟ ହୋଇନାହିଁ।

# ବ୍ଲକ କାର୍ଯ୍ୟାଳୟ ପରିସର ସଫା କଲେ ବିଡିଓ


ବିଡିଓ ଏବଂ କର୍ମଚାରୀମାନେ କାର୍ଯ୍ୟାଳୟ ପରିସର ସଫା କରୁଛନ୍ତି।

## ସ୍ୱଚ୍ଛତାକୁ ଗୁରୁତ୍ୱ

ଚନ୍ଦାହାଣ୍ଡି,୨୨।୨(ଡି.ଏନ.ଏ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି ଯୋଗ ଦେବାର ସପ୍ତାହେ ନ ହେଉଣୁ କାର୍ଯ୍ୟାଳୟ ପରିସରର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି। ନିଜ ଅଧିକାରୀମାନଙ୍କ ସହ ମିଶି କାର୍ଯ୍ୟାଳୟ ଗୃହକୁ ସଫା ସୁତୁରା କରିବା ସହ ପରିସରରେ ଥିବା ଅନାବନା ଗଛ, ପଡି ରହିଥିବା କୁଡ କୁଡ ଆବର୍ଜନାକୁ ସଫା କରିବା ସହ ଏହାକୁ ପୋଡିଛନ୍ତି। ପରିସର ମଧ୍ୟରେ ବର୍ଷ ବର୍ଷ ଧରି ବିଭିନ୍ନ ଭଙ୍ଗାରୁଜା ଆସବାବପତ୍ର ପଡିରହିଥିଲା। ସେହିପରି କାର୍ଯ୍ୟାଳୟର ବିଭିନ୍ନ ସ୍ଥାନରେ ଉଇହୁଙ୍କା ହୋଇ ସରିସୃପଙ୍କ ବାସସ୍ଥଳୀ ପାଲଟିଥିଲା। ବିଡିଓ ମାଝି କାର୍ଯ୍ୟରେ ଯୋଗ ଦେବା ପରେ ଏହା ଦେଖି ବିରକ୍ତି ପ୍ରକାଶ କରିଥିଲେ। ବ୍ଲକ କାର୍ଯ୍ୟାଳୟ ଗୃହ ଓ ପରିସର ସଫା ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ନିଜ କାର୍ଯ୍ୟାଳୟ ପରିସରରେ ଯଦି ଆବର୍ଜନା ରହିବ ତେବେ ଅନ୍ୟକୁ ସ୍ୱଚ୍ଛତା ରହିବାକୁ କିପରି ପରାମର୍ଶ ଦେବା। ତେଣୁ ପ୍ରଥମେ ସବୁ ଅଧିକାରୀଙ୍କ ଅଫିସ, ନିଜେ ରହୁଥିବା ବାସଗୃହ ଏବଂ ପରିସର ସଫା ରଖିବାକୁ ପରାମର୍ଶ ଦେଇ ସଫା କରିଥିଲେ। ଆଗାମୀ ଦିନରେ ପ୍ରୋକଲିନ ଲଗାଇ ପରିସର ମଧ୍ୟରେ ଥିବା ବିଭିନ୍ନ କଣ୍ଟାଗଛ ସଫା କରିବା ସହ ବିଭିନ୍ନ ଫୁଲ ଗଛ ଲଗାଯିବ ବୋଲି ବିଡିଓ କହିଛନ୍ତି।

# ଆର୍‌ଟିଓଙ୍କ ଗିରଫ ଦାବିକଲା କଂଗ୍ରେସ

## ଦାବି ପୂରଣ ନ ହେଲେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଆନ୍ଦୋଳନ

ନବରଙ୍ଗପୁର,୨୨।୨(ବି.ପ୍ର.)

ନବରଙ୍ଗପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଲାଞ୍ଚ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହେବା ପରେ ଏହାକୁ କଂଗ୍ରେସ ନିନ୍ଦା କରିଛି। ଏହାକୁ ନେଇ ରବିବାର ସ୍ଥାନୀୟ କଂଗ୍ରେସ ଭବନ ଠାରେ ଆହୁତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ୫- ଟି ଓ ମୋ ସରକାର ଉପରେ ବର୍ଷିଥିଲେ କଂଗ୍ରେସ ସଭାପତି ମୁନା ତ୍ରିପାଠୀ। ନବରଙ୍ଗପୁର ବ୍ଲକ ଅଧିନ ବଡ କୁମୁଲି ଗ୍ରାମର ଲକ୍ଷ୍ମୀନାଥ ହରିଜନ ଓରଫ ଆକାଶଙ୍କ ଠାରୁ ଚାକିରି ପାଇଁ ଆରଟିଓ ୩୦ ହଜାର ଟଙ୍କା ନେଇଥିବା ଭିଡିଓରେ ନିଜେ ସ୍ୱୀକାର କରୁଥିବା ଭାଇରାଲ ହୋଇଛି। ଏହା ବ୍ୟତୀତ ବଡବାବୁ ମଧ୍ୟ ୧୫ ହଜାର ଟଙ୍କା ନେଇଥିବା ଭିଡିଓରେ ଶୁଣାଯାଉଛି। ଏହି ଭିଡିଓକୁ ଯୁବନେତା ତାଜ ଇମ୍ରାନ ସରିଫ ଭିଡିଓକୁ ଭାଇରାଲ କରିଥିଲେ ବୋଲି ସଭାପତି ସୂଚନା ଦେଇଛନ୍ତି। ଆକାଶ ଏବେ ଭୟଭୀତ ରହିଛନ୍ତି । ସେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ତାଙ୍କ କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ଆକାଶଙ୍କ ଘରକୁ ଯାଇ ଏକ କାଗଜରେ ଦସ୍ତଖତ କରିବାକୁ କହିଛନ୍ତି। ତୁରନ୍ତ ଆରଟିଓଙ୍କୁ ଗିରଫ


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ ।

## ଭିଡିଓ ଭାଇରାଲ ଘଟଣା

କରିବା ସହ ଆକାଶଙ୍କୁ ସୁରକ୍ଷା ଦିଆଯାଉ ବୋଲି ମୁନା ତ୍ରିପାଠୀ ଦାବି କରିଛନ୍ତି। ଏହି ଲାଞ୍ଚ କାରବାର ଘଟଣାରେ ଜିଲାପାଳ ଏକ କମିଟି ଗଠନ କରି ତଦନ୍ତ କରନ୍ତୁ । ଯେଉଁମାନେ ସଂପୃକ୍ତ ରହିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ କରିଛନ୍ତି । ନଚେତ ମାର୍ଚ୍ଚ ପ୍ରଥମ ସପ୍ତାହରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ପୂର୍ବତନ ବିଧାୟକ ସଦନ ନାୟକ ଜିଲାରେ ଗଣତନ୍ତ୍ର ନା ଅମଲାତନ୍ତ୍ର ଚାଲିଛି ବୋଲି ପ୍ରଶ୍ନ ଉଠାଇଥିଲେ। ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବାକୁ ସେ ଦାବି କରିଥିଲେ। ଆଦିବାସୀ ଅଧୁଷିତ ନବରଙ୍ଗପୁର ଜିଲାରେ ଚାକିରି ଦେବା ନାମରେ ଲୁଟ ଚାଲିଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବତନ ଉପସଭାପତି ଦିଲ୍ଲୀପ ବେହେରା କହିଥିଲେ ଯେ, ଭିଡିଓ ଭାଇରାଲ ହେବା ପରେ ତଦନ୍ତ ହୋଇ ଆରଟିଓଙ୍କୁ ତୁରନ୍ତ ନିଲମ୍ବିତ କରାଯିବା କଥା ଯାହାକି ବର୍ତ୍ତମାନ ସୁଦ୍ଧା କରାଯାଇ ନାହିଁ। ଆରଟିଓ କାର୍ଯ୍ୟାଳୟରେ ଲୋକଙ୍କୁ ହଇରାଣ କରାଯାଉଛି । ବ୍ଲକ କାର୍ଯ୍ୟଳୟରେ କାଉଣ୍ଟର ଖୋଲି ସେବା ଯୋଗାଇ ଦିଆଯାଉ ବୋଲି ଦାବି କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରଉପାଧ୍ୟକ୍ଷ ସୁବାଷ ସୁର, ନଗର କଂଗ୍ରେସ ସଭାପତି ଉତମ ତ୍ରିପାଠୀ, ଲ୍ୟାମ୍ପସ ଅଧ୍ୟକ୍ଷ ଅଖିଳ ଭତ୍ରା, ଅବଦୁଲ ପିରଜ, ପ୍ରଦୀପ ସାହୁ, ଚନ୍ଦ୍ର ମଲ୍ଲୀକ, ସୁମିତ ପୂଜାରୀ, କୁନା ପାଢି, ବାସୁଦେବ ପଟ୍ଟନାୟକ, ସୁମିତ ପୂଜାରୀ, ଚନ୍ଦ୍ର ମଲ୍ଲିକ, ମିନତି ପଟ୍ଟନାୟକ, ପ୍ରମୁଖ ଉପସ୍ଥିତତ ରହିଥିଲେ।

# ନବରଙ୍ଗପୁର ମହିଳା ଫୁଟବଲ ଦଳର ବାରିପଦା ଗସ୍ତ

ନବରଙ୍ଗପୁର,୨୨।୨(ବି.ପ୍ର.)–

ଆସନ୍ତା ୨୪ ତାରିଖ ଠାରୁ ରାଜ୍ୟ ସ୍ତରୀୟ ଅନୁସୂଚିତ ଜନଜାତି ଫୁଟବଲ ପ୍ରତିଯୋଗୀତା ଆରମ୍ଭ ହେବ । ଏନେଇ ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲାର ଏକ ୨୦ ଜଣିଆ ମହିଳା ଟିମ ବାରିପଦା ଗସ୍ତ କରିଛନ୍ତି । ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ୧୫ ଜଣ, ଉମରକୋଟ ଓ ରାଇଘର ବ୍ଲକର ୫ ଜଣଙ୍କୁ ଧରି ଟିମ ମ୍ୟାନେଜର ତଥା କୋଚ ଶିବ ପଟ୍ଟନାୟକ, ସଂଯୋଜିକା ଜ୍ୟୋସ୍ନା ହରିଜନ ଗସ୍ତ କରିଛନ୍ତ । ନବରଙ୍ଗପୁର ମହିଳା ଫୁଟବଲ ଟିମ ଜିଲା ତଥା ରାଜ୍ୟର ସୁନାମ ରଖିବା ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି।


ନବରଙ୍ଗପୁର ମହିଳା ଫୁଟବଲ ଦଳର କୋଚ ଓ ଖେଳାଳିମାନେ ।

# ଛତିଶଗଡ଼ରୁ ୨ ନାବାଳିକା ଉଦ୍ଧାର

ପଦ୍ମପୁର, ୨୨।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ପଞ୍ଚାୟତ ବଡ଼କିଆରିଠାରୁ ଛତିଶଗଡ଼ର ଦୁଇ ନାବାଳିକାଙ୍କୁ ଶନିବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକ ଛତିଶଗଡ଼ରେ ରହି କାମ କରୁଥିବାବେଳେ ୨ ନାବାଳିକାଙ୍କ ସହିତ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସେମାନେ ୨ ନାବାଳିକାଙ୍କୁ ନେଇ ଓଡ଼ିଶା ପଳାଇ ଆସିଥିଲେ। ଛତିଶଗଡ଼ ପୋଲିସ ବାସୁଦେବପୁର ପୋଲିସ ସହାୟତାରେ ଦୁଇ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସେମାନେ ଦୁଇ ଭଉଣୀ ବୋଲି ଜଣାପଡ଼ିଥିବା ପୋଲିସ କହିଛି।

# ପୋଡ଼ାଗଡ଼ ପୀଠକୁ ଅନୁଧ୍ୟାନ କଲା ଏଏସ୍ଆଇ ଟିମ୍

ଧୋଡ୍ରା,୨୨।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ପୋଡ଼ାଗଡ଼ ଏକ ଐତିହାସିକ ପର୍ଯ୍ୟଟନସ୍ଥଳ। ଏଠାରେ ବହୁ ପୁରାତନ ମନ୍ଦିର ସହ ଅନେକ ମୂଲ୍ୟବାନ ଜିନିଷ ରହିଛି। ତେବେ ଏହା ଧିରେ ଧିରେ ନଷ୍ଟ ହେବାରେ ଲାଗିଥିବାବେଳେ ଏହାର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏହି ପୀଠର ସୁରକ୍ଷା ପାଇଁ ପୋଡ଼ାଗଡ଼ ସେବାୟତ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଗତ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଥିଲା। ଏହାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାରଙ୍କ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର କର୍ମକର୍ତ୍ତାଙ୍କୁ ଅନୁଧ୍ୟାନ ପାଇଁ ପଠାଇଛନ୍ତି। ଗୁରୁବାର ଏଏସ୍ଆଇର ସହକାରୀ ପ୍ରତ୍ନତତ୍ତ୍ୱବିତ୍ ବୈଷ୍ଣବ ଶ୍ରୀବାସ୍ତବଙ୍କ ସମେତ ଓଡ଼ିଆ ସହଯୋଗୀ ମୋହନ ପ୍ରଧାନ ପୋଡ଼ାଗଡ଼ ଗସ୍ତ କରିଅନୁଧ୍ୟାନ କରିଛନ୍ତି। ପୋଡ଼ାଗଡ଼ର ଭୈରବ ମନ୍ଦିର, ଚାଉଁଶିଆ ମନ୍ଦିର ନିକଟରୁ ଭଙ୍ଗା ଇଟା ସହ ବିଭିନ୍ନ ଜିନିଷ ସଂଗ୍ରହ କରିଥିଲେ। ଅଖୋଦିତ ଅବସ୍ଥାରେ ରହିଥିବା


ପୋଡାଗଡ ପୀଠରେ ଏଏସଆଇ ଟିମ୍ ଅନୁସନ୍ଧାନ କରୁଛନ୍ତି।

ଭଗ୍ନ ପ୍ରସାଦ ଓ ଶିଳାଗୁଡ଼ିକର ଫଟୋ ମଧ ସଂଗ୍ରହ କରିଥିଲେ। ଭଗ୍ନ ରାଜ୍ରାସାଦର ପାହାଚ, ହାତୀ ବନ୍ଧା ପଥର ଓ ଶିଳାଲେଖା ଅନୁଧ୍ୟାନ କରିବା ସହ ତାହା ପଢ଼ିବାରେ ସକ୍ଷମ ହୋଇଥିଲେ। ଏଗୁଡ଼ିକ ବ୍ରହ୍ମଲିପି ସଂସ୍କୃତ ଭାଷା ବୋଲି ସେମାନେ କହିଥିଲେ। ସେହିପରି ବହୁ ସାମଗ୍ରୀ ଚୋରି ଓ କ୍ଷୟ ହୋଇଥିବା ଦେଖି ଦୁଃଖ ପ୍ରକାଶ କରିଥିଲେ। ସେହିପରି ସୋମନାଥ ମନ୍ଦିର, ବିଷ୍ଣୁ ମନ୍ଦିର ସହ ମ୍ୟୁଜିୟମ୍ ପରିଦର୍ଶନ କରି ଏହାର ସଂରକ୍ଷଣ ବହୁ ପୂର୍ବରୁ ହେବା ଉଚିତ ଥିଲା ବୋଲି କହିଥିଲେ। ଏ ନେଇ କେନ୍ଦ୍ରୀୟ ତଥ୍ୟ ଉପସ୍ଥାପନ କରାଯିବ ବୋଲି ଟିମ୍ କହିଛନ୍ତି। ପୋଡ଼ାଗଡ଼ର ସୁରକ୍ଷା ଆଗକୁ ଏଏସଆଇ ନେବ ବୋଲି ଟ୍ରଷ୍ଟର ସଭାପତି ଉଦ୍ଧବ ଓ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ହିତାଧିକାରୀଙ୍କୁ ଦିଆଯାଉଛି ପୋକରା ଚାଉଳ

## ଅଭିଯୋଗ ପରେ ଯୋଗାଣ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି

ପାପଡାହାଣ୍ଡି, ୨୨।୨(ଡି.ଏନ.ଏ.)

ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଛନ୍ତି । ହିତାଧିକାରୀଙ୍କ ମୁଣ୍ଡ ପିଛା ୫ କେଜି ଓ ଅନ୍ତ୍ୟୋଦୟ ଯୋଜନାରେ ୧୦ କେଜି ଲେଖାଏଁ ଚାଉଳ ବଣ୍ଟନ କରାଯାଉଛି । ହେଲେ ଯେଉଁ ଚାଉଳ ବଣ୍ଟନ କରାଯାଉଛି ସେଥିରୁ ପୋକ ବାହାରୁଛି। ଏନେଇ ପଞ୍ଚାୟତ ତରଫରୁ ଯୋଗାଣ ବିଭାଗଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ବିଭାଗ ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି । ଅସହାୟ ହିତାଧିକାରୀ ପେଟ ପାଇଁ ଉକ୍ତ ପୋକରା ଚାଉଳ ନିଜ ପରିବାର ଲାଗି ନେଉଥିବା ଦେଖିବାକୁ ମିଳିଛି । ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନାକଟିଗୁଡା ପଞ୍ଚାୟତରେ ଏପରି ପୋକରା ଚାଉଳ ବଣ୍ଟନ ବେଳେ ଅସନ୍ତୋଷ ଦେଖିବାକୁ ମିଳିଛି । ପ୍ରତି


ପୋକରା ଚାଉଳ।

ମାସରେ ପଞ୍ଚାୟତ ଲାଗି ୨୮୬ କୁଇଣ୍ଟାଲ ଚାଉଳ ବିତରଣ କରାଯାଇଥାଏ । ନବରଙ୍ଗପୁର ଗୋଦାମରୁ ଚାଉଳ ବିତରଣ ସଂସ୍ଥା ମାଧ୍ୟମରେ ପଞ୍ଚାୟତ ଗୁଡିକୁ ଚାଉଳ ବସ୍ତାରେ ପଠାଯାଇଥାଏ । ହେଲେ ବାରମ୍ବାର ବସ୍ତାରେ ଚାଉଳ ଅତି ନିମ୍ନମାନର ରହୁଥିବା ଦେଖିବାକୁ ମିଳିଛି। ଚାଉଳରେ ପୋକ ରହୁଛି । ଶନିବାର ଚାଉଳ ବଣ୍ଟନ ବେଳେ ହିତାଧିକାରୀମାନେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ସହ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ତାହା ଖାଦ୍ୟ ଉପଯୋଗୀ ନ ଥିଲେ ବି ପଞ୍ଚାୟତ ତରଫରୁ ବିତରଣ କରାଯାଉଛି। ଏନେଇ ପଞ୍ଚାୟତ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ବାରମ୍ବାର ପୋକରା ଚାଉଳ ଆସୁଥିବା କହିଛନ୍ତି । ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି । ହେଲେ ସେ କିଛି ବି ପଦକ୍ଷେପ ନେଉ ନାହାନ୍ତି। ବାଧ୍ୟ ହୋଇ ଦୁଇ ଥରର ଚାଉଳ ଗୋଦାମକୁ ଫେରାଇ ଦେଇଛନ୍ତି । ହିତାଧିକାରୀ ଚାଉଳ ନେବା ସମୟରେ ପାଟି ତୁଣ୍ଡ କରୁଛନ୍ତି । ସବୁବେଳେ ହୋ ହାଲା ଯୋଗୁଁ ସମସ୍ୟା ହେଉଥିବା କହିଛନ୍ତି। ତେବେ ଯୋଗାଣ ବିଭାଗ ଏଥି ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଫେବୃୟାରୀ ୨୩/୨୦୨୦ Rayagada, Sunday, February. 23 / 2020

## ସଂକ୍ଷେପରେ

### କପି କରି ଧରାପଡ଼ିଲେ ୪ ପରୀକ୍ଷାର୍ଥୀ

ରାୟଗଡ଼ା ଅଫିସ, ୨୨।୨-ରାୟଗଡ଼ା ଜିଲାରେ ଶନିବାର ୧୦,୮୮୩ ପିଲା ମାଟ୍ରିକ ପରୀକ୍ଷା ଦେଇଛନ୍ତି । କୌଣସି କାରଣରୁ ୩୨୩ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ । ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ବୁଢ଼ାଗୁଡ଼ା ହାଇସ୍କୁଲରେ ୩ ଏବଂ ରିବଲକଣା ହାଇସ୍କୁଲରେ ଜଣେ କପି କରି ଧରାପଡ଼ିଛନ୍ତି ।

### କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ



ଗୁଣପୁର,୨୨।୨(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ବସରା ଆଞ୍ଚଳିକ ଡିଗ୍ରୀ କଲେଜଠାରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଲଟି ନ୍ୟାଶନାଲ କମ୍ପାନୀରୁ ଆସିଥିବା ପ୍ରାଧ୍ୟାପକମାନଙ୍କ ଦ୍ୱାରା ପାୱାର ପଏଣ୍ଟ ମାଧ୍ୟମରେ ଏସ୍ଏସ୍ସି, ବ୍ୟାଙ୍କ ପିଓ, ରେଲୱେ, ଓଏସ୍ଏସ୍ସି, ବିଏଡ ଭଳି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିପରି ଭାଗ ନେଇ କୃତକାର୍ଯ୍ୟ ହେବେ ସେନେଇ ଆଲୋକପାତ କରିଥିଲେ । କଲେଜ ଅଧ୍ୟକ୍ଷ ଡ.କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂଲିଶ ଅଧ୍ୟାପକ ଶ୍ରୀକାନ୍ତ ରଥ, ଶିକ୍ଷାବିଭାଗର ରତିକାନ୍ତ ମିଶ୍ର , ରାଜନୀତି ବିଜ୍ଞାନର ପୂର୍ଣ୍ଣଚନ୍ଦ୍ର ମାଝି ଏବଂ ଗାୟତ୍ରୀ ବେହେରା ଉପସ୍ଥିତ ଥିଲେ । ଶେଷରେ ହେମନ୍ତ କୁମାର ମଲିଫୁଲ ଧନ୍ୟବାଦ ଦେଇଥିଲେ । କଲେଜର ସମସ୍ତ କର୍ମଚାରୀ ଏବଂ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଶେଷବର୍ଷର ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଭାଗ ନେଇଥିଲେ ।

### ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

ଛତ୍ରପୁର,୨୨।୨ତ(ଡି.ଏନ୍.ଏ.): ଡକାୟତି ଉଦ୍ୟମ କରୁଥିବା ଏକ ଗ୍ୟାଙ୍ଗଙ୍କୁ ଚମାଖଣ୍ଡି ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ର ପୁରର ଅନୀଲ ବାଡତ୍ୟା, ପୁରୀର ବିକାଶ ନାୟକ, ଅନନ୍ତପୁରର ସତ୍ୟସ୍ୱରୁପ ଜେନା, ସିତଲାପଲ୍ଲୀର ରାଜା ପବିତ୍ର ମୋହନ ପ୍ରଧାନ ଓ ଆମ୍ବପୁଆର ଦୀପକ ରଇତ। ସେମାନଙ୍କ ଠାରୁ ୨ଟି ବୋମା, ୪ ବାଇକ୍, ଖଣ୍ଡା, ଲୁହା ଛଡ଼, ମୁଖା ଓ ଲଙ୍କାଗୁଣ୍ଡ ପ୍ୟାକେଟ ଜବତ ହୋଇଛି। ଶୁକ୍ରବାର ରାତିରେ ଏକ ୮ଜଣିଆ ଡକାୟତି ଗ୍ୟାଙ୍ଗ ଚମାଖଣ୍ଡି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗାଡି ଅଟକାଇ ଡକାୟତି ଉଦ୍ୟମ କରୁଥିଲେ। ପାଟ୍ରୋଲିଂ ବେଳେ ପୋଲିସ ସେଠାରେ ପହଞ୍ଚିଥିଲା। ୫ଜଣଙ୍କୁ ପୋଲିସ ଧରିଥିଲା।

### ମଦ ଜବତ, ୨ ଗିରଫ

ବାଲିଗୁଡା,୨୨।୧- ବାଲିଗୁଡା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବାରଖମା ପଞ୍ଚାୟତରେ ଚଢାଉ କରିଥିଲା। ସୁକାନ୍ତ ପ୍ରଧାନୀଙ୍କ ଠାରୁ ୨୦ ଲିଟର ମହୁଲି ମଦ, ବାଲିଗୁଡା କାମ୍ପପଡା ସାହିର ତ୍ରିଲୋଚନ ଦିଗାଲଙ୍କ ଠାରୁ ୧୦ ଲିଟର ମହୁଲି ମଦ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ।

# ଟ୍ରାକ୍ଟର ଓଲଟି ୧୨ କଳାକାର ଆହତ

ଟିକିରି, ୨୨।୨ (ଡି.ଏନ୍.ଏ.)



ଓଲଟି ପଡ଼ିଥିବା ଟ୍ରାକ୍ଟର ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ରତାଗୁଆଁ ଗ୍ରାମ ନିକଟରେ ନାଟ ଦଳ ଧରି ଫେରୁଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ୧୨ ଆହତ ହୋଇଛନ୍ତି । ସେମାନେ ହେଲେ ବଳରାମ ଜାନି, ସୁନାଧର ନାୟକ, ଜୟବାନ ଝୋଡ଼ିଆ, କାଳିଆ ଝୋଡ଼ିଆ, ରଘୁନାଥ ଝୋଡିଆ, ମାଲେ ଝୋଡ଼ିଆ, ସୁଦର୍ଶନ ଝୋଡ଼ିଆ, ସୋବାଶନ ଝୋଡିଆ, ସଦାନନ୍ଦ ଝୋଡିଆ, ମିନ୍ଟାଇ ଝୋଡିଆ, ଲବ ଝୋଡିଆ । ଖବରପାଇ ଅଣ୍ଡିରାକଞ୍ଚ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆତହମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଉତ୍କଳ ଆଲୁମିନା ହସ୍ପିଟାଲରେ ଭର୍ତ୍ତି କରିଥିଲା । ଗୁରୁତର ଥିବା ଜୟବାନ୍, ସୋବାସନ, ରଘୁନାଥ, ମିନ୍ଟାଇଙ୍କୁ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ।

ମହାଶିବରାତ୍ରି ଉପଲକ୍ଷେ କାଶୀପୁର ବ୍ଲକ ହାତିଗୁଡା ପଞ୍ଚାୟତ ସଦରଠାରେ ନାଟକ ଆୟୋଜିତ ହୋଇଥିଲା । ଶନିବାର ସକାଳୁ ନାଟ ଦଳ ସିକାଫାସ ଗ୍ରାମକୁ ଏକ ଟ୍ରାକ୍ଟର ଯୋଗେ ଫେରୁଥିଲେ । କୋଡିପାରି ପଞ୍ଚାୟତ ରତାଗୁଆଁ ଗ୍ରାମ ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ୧୨ ଜଣ ଆହତ ହୋଇଥିଲେ । ଉକ୍ତ ଟ୍ରାକ୍ଟରରେ ପ୍ରାୟ ୨୫ ଜଣ ଥିଲେ । ଡ୍ରାଇଭର ରବୀନ୍ଦ୍ର ଝୋଡ଼ିଆ ଯାତ୍ରା ଦେଖି ଅନିଦ୍ରା ଥିବାରୁ କାଳିଆ ଟ୍ରାକ୍ଟର ଚଳାଉଥିବା ଜଣାଯାଇଛି । ଏ ନେଇ ଅଣ୍ଡିରାକଞ୍ଚ ଥାନା ଏସ୍ଆଇ ସୁଶାନ୍ତ କୁମାର ଦଳାଇଙ୍କୁ ପଚାରିବାରୁ, କୋଡିପାରିଠାରୁ ସିକାଫାସ ଫେରୁଥିବା ସମୟରେ ଗାଡିଟି ଓଲଟି ପଡିଥିଲା । ପ୍ରାୟ ୧୨ ଜଣ ଆହତ ହୋଇଛନ୍ତି । ଏ ନେଇ ଏକ ମାମଲା (କେସ୍ ନଂ. ୧୫/୨୦) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ପ୍ରକାଶ କରିଛନ୍ତି ।

# ଡ୍ୟୁଟି ନ ଥାଇ ପରୀକ୍ଷା କେନ୍ଦ୍ରରେ ହୋମଗାର୍ଡ

## କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ରାୟଗଡ଼ା ଅଫିସ,୨୨।୨

ପରୀକ୍ଷାକେନ୍ଦ୍ରକୁ କେହି ମଧ୍ୟ କୌଣସି ପ୍ରକାର ଗେଜେଟ ନେଇ ପ୍ରବେଶ କରିପାରିବେ ନାହିଁ । ରାଜ୍ୟ ଶିକ୍ଷା ବିଭାଗର ଏଭଳି କଡ଼ା ନିର୍ଦ୍ଦେଶ ରହିଥିଲେ ମଧ୍ୟ ଚଳିତ ମାଟ୍ରିକ ପରୀକ୍ଷା ବେଳେ ଏହାର ଉଲ୍ଲଂଘନ ହୋଇଛି । ଏମ୍. ଗୌରୀଶଙ୍କର ନାମକ ଜଣେ ହୋମଗାର୍ଡ଼ ଜିସିଡ଼ି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ନିୟମ ଅବମାନନା କରି ଫୋନ୍‌ରେ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା । ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ମାଟ୍ରିକ ପରୀକ୍ଷା ଅନୁଧ୍ୟାନ କରିବା ପାଇଁ ଶନିବାର ଉକ୍ତ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ । ସେହି ସମୟରେ ଗୌରୀଶଙ୍କର ଅଫ୍ ଡ୍ୟୁଟିରେ ଥାଇ ମଦ୍ୟପାନ କରି ପରୀକ୍ଷା କେନ୍ଦ୍ର ବାହାରେ ରହିବା ସହ କେନ୍ଦ୍ର ଭିତରକୁ ଯାଇଥିବା ଜିଲାପାଳ ଦେଖିଥିଲେ । ଏହାପରେ ସେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ କହିଛନ୍ତି । ଉକ୍ତ ହୋମଗାର୍ଡ଼ଙ୍କ ଡାକ୍ତରୀ ମାଇନା କରାଯାଇଛି । ରାୟଗଡ଼ା ଏସ୍‌ପି ଡ. ଶ୍ରବଣ ବିବେକ ଏମ୍. ଅଫିସ୍ କାମରେ କଳାହାଣ୍ଡି ଯାଇଥିବାରୁ ସେଠାରୁ ଫେରିବା ପରେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ତପନ ନାରାୟଣ ରଥ କହିଛନ୍ତି ।

# ରାସାୟନିକ ବିଜ୍ଞାନ ବିଭାଗ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଗୁଣପୁର,୨୨।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କଲେଜ ରାସାୟନିକ ବିଜ୍ଞାନ ବିଭାଗର ସପ୍ତାହବ୍ୟାପୀ ଚାଲିଥିବା ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ସଭାପତିତ୍ୱ କରିଥିଲେ । ଇତିହାସ ବିଭାଗ ମୁଖ୍ୟ ଡ.ଜବାହର ଚୌଧୁରୀ, ପଦାର୍ଥ ବିଜ୍ଞାନ ମୁଖ୍ୟ ଗଣେଶ୍ୱର ଶତପଥୀ, ପ୍ରାଣୀବିଜ୍ଞାନ ମୁଖ୍ୟ ରାମଚନ୍ଦ୍ର ପଣ୍ଡା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଗଣିତ ବିଭାଗ ଅଧ୍ୟାପିକା ଡ.ଦୀପିକା ପଟ୍ଟନାୟକ ଓ ଡ.ରମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଆଲୋଚନାଚକ୍ରରେ ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରିୟମ୍ବଦା ପଣ୍ଡା, ରାଜଶ୍ରୀ ପାଣିଗ୍ରାହୀ ସାଇଟ୍ରାଲ ଓ ନିକୋଟିନ ଉପରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ । ଆଲୋଚନାଚକ୍ରର ସମ୍ପାଦକ ସଂଯୁତ ପାଣି ବିବରଣୀ ପାଠ କରିଥିଲେ । ଆଲୋଚନାଚକ୍ରର ଅଧିକାରୀ ଶଶିଭୂଷଣ ମହାନ୍ତି ପରିଚାଳନା କରିଥିଲେ ।

# ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟର ମେଳା




ମହିଳାମାନେ ମାଣ୍ଡିଆରେ ପ୍ରସ୍ତୁତ କରିଥିବା ଖାଦ୍ୟ ପ୍ରଦର୍ଶନ କରୁଛନ୍ତି ।

ଚନ୍ଦ୍ରପୁର,୨୨।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତ ସଦରସ୍ଥିତ ଭୋଳେଶ୍ୱର ମନ୍ଦିରରେ ଶୁକ୍ରବାର କୃଷି ବିଭାଗର 'ଆତ୍ମା' ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରଭାତ'ର ମିଳିତ ଉଦ୍ୟମରେ ଏକ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମାଣ୍ଡିଆରୁ ପ୍ରସ୍ତୁତ ଜାଉ, ପକୁଡ଼ି, ସୁପ୍, ଲଡୁ ସହ କାଙ୍ଗୁ ଚାଉଳରେ ଖିରି କରାଯାଇ ମାଗଣାରେ ବଣ୍ଟାଯାଇଥିଲା । ମାଣ୍ଡିଆ ଏହି ଅଞ୍ଚଳର ପ୍ରମୁଖ ଫସଲ । ମାଣ୍ଡିଆ, କାଙ୍ଗୁ ଫସଲରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ କିପରି ହୋଇପାରିବ, ସେନେଇ ଏକ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାଙ୍ଗସୋରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରବୀନ୍ଦ୍ରନାଥ ଦୀକ୍ଷିତ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସିଆର୍‌ପିଏଫ୍‌ର ହାବିଲଦାର ପ୍ରଫୁଲ୍ଲ କୁମାର ମଲ୍ଲିକ, ଡାକ୍ତର ସୁରେନ୍ଦ୍ର ମେହେର ଯୋଗ ଦେଇଥିଲେ । 'ପ୍ରଭାତ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଏସ୍. ଦିନେଶ କୁମାର, ପ୍ରକାଶ ଚନ୍ଦ୍ର ଦାସ, ଅଞ୍ଜୁ ବ୍ରେଡେକା, ରତ୍ନାକର ପାତ୍ର, ବିବେକାନନ୍ଦ ଦାସ, ଟୁନା ପାଲକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମା' ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ମାଗଣାରେ ବାଣ୍ଟିଥିଲେ । ସିଆର୍‌ପିଏଫ୍‌ର ଯବାନମାନେ ଏହି ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ମଜା ନେଇଥିଲେ ।

# ରୋଗୀ ସେବା କଲେ ପୁଣ୍ୟ ମିଳିଥାଏ

ମାଲକାନଗିରି,୨୨।୨(ସ୍ୱ.ପ୍ର.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ପବିତ୍ର ମହାଶିବରାତ୍ରି ଅବସରରେ ମାନବବାଦୀ ହେତୁବାଦୀ ସଙ୍ଗଠନ ପକ୍ଷରୁ ରୋଗୀଙ୍କୁ ମାଗଣାରେ କ୍ଷୀର ଓ ଫଳ ବଣ୍ଟନ କରାଯାଇଛି । ସଙ୍ଗଠନର ସଭାପତି କେଶବ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏହା ବଣ୍ଟନ କରାଯାଇଥିଲା । ଏହି ଅବସରରେ ସେ କହିଲେ ଯେ, ପ୍ରକୃତରେ ମାନବ ସେବା ହିଁ ନାରାୟଣ ସେବା । ଏହି ସେବା କଲେ ପୁଣ୍ୟ ମିଳିଥାଏ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଜୟ କୁମାର ବୈଠାରୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏପରି କାର୍ଯ୍ୟକ୍ରମର ସେ ପ୍ରଶଂସା କରି ସଙ୍ଗଠନ ରୋଗୀଙ୍କୁ କ୍ଷୀର ଓ ଫଳ ବାଣ୍ଟି ଭଲ ପଦକ୍ଷେପ ନେଇଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ଡା. ଅନିଲ କୁମାର ମିଶ୍ର, ସଙ୍ଗଠନର ସମ୍ପାଦକ କେ. ଦେଶିରାଜୁ ଆଚାରୀ, ଲକ୍ଷ୍ମଣ ଘରାମି, ସୁବାସ ରାୟ, ଦେବାଶିଷ ମଣ୍ଡଳ, ସୁଧୀର ହାଲଦାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜଳିଗଲା ପାଳଗଦା

ରାୟଗଡ଼ା ଅଫିସ,୨୨।୨:

ରାୟଗଡ଼ାର ଗୌଡ଼ସାହିର ଜଣଙ୍କ ଘର ବାରିରେ ଥିବା ଏକ ପାଳଗଦାରେ ଶନିବାର ନିଆଁ ଲାଗି ତାହା ଜଳିଯାଇଛି । କାଉ ଦୀପଲଗା ସଳିତା ପକାଇବା ଦ୍ୱାରା ପାଳଗଦାରେ ନିଆଁ ଲାଗିଥିବା କୁହାଯାଉଛି । ନିଆଁକୁ ଆୟତ୍ତ କରିବା ପାଇଁ ପରିବାର ଲୋକେ ମିଶି ପାଣି ପକାଇଥିଲେ । ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏଥିରେ ପ୍ରାୟ ୧୦ ହଜାର ଟଙ୍କାର ପାଳ ନଷ୍ଟ ହୋଇଥିବା ବେଳେ ଘର ବର୍ତ୍ତିଯାଇଛି ।

# ସୀମା ସୁରକ୍ଷା ବାହିନୀ ପକ୍ଷରୁ ଜନସମ୍ପର୍କ ଶିବିର

ମାଲକାନଗିରି,୨୨।୨(ଡି.ଏନ.ଏ.)



ଜଣେ ବୃଦ୍ଧଙ୍କୁ କମ୍ବଳ ପ୍ରଦାନ କରାଯାଉଛି ।

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ସୀମା ସୁରକ୍ଷା ବାହିନୀର ୧୬୦ ବାଟାଲିୟନ ପକ୍ଷରୁ ସାଲିମି ଗ୍ରାମରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସାଲିମି ପଞ୍ଚାୟତର ଅନେକ ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ର, ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ । ସୀମା ସୁରକ୍ଷା ବାହିନୀର କମାଣ୍ଡାଣ୍ଟ ଏସ.ଏଚ. ତିରଥା ଆଚାରିୟା, ଇନ୍ସପେକ୍ଟର (ଗୋଇନ୍ଦା) ମନୋଜ କୁମାର ସିଂ, କମ୍ପାନୀ କମାଣ୍ଡର ଇନ୍ସପେକ୍ଟର ସୌରଭ ଭାଟିଆ, କନଷ୍ଟେବଳ ବିବି ସିଂ ଯୋଗ ଦେଇଥିଲେ । ପଦାଧିକାରୀମାନେ ଉପସ୍ଥିତ ଗ୍ରାମବାସୀଙ୍କୁ ମନରୁ ଡର ଭୟ ତ୍ୟାଗକରି ଯବାନ ମାନଙ୍କୁ ବିଶ୍ୱାସ କରିବା, ସେମାନଙ୍କ ନିକଟତର ହେବା ପାଇଁ ଆହ୍ୱାନ ଦେଇଥିଲେ । ଆଜି ଯେଉଁ ପଦାଧିକାରୀ ଏବଂ ଯବାନମାନେ ଅନ୍ୟ ରାଜ୍ୟରୁ ନିଜର ପରିବାର ଛାଡି ଆପଣଙ୍କ ଗ୍ରାମରେ କ୍ୟାମ୍ପ କରି ଆପଣଙ୍କ ଧନ ଜୀବନର ସୁରକ୍ଷା ଏବଂ ମାଓବାଦୀ ଦମନରେ ନିୟୋଜିତ ହୋଇଛନ୍ତି ସେମାନଙ୍କର ଆଭିମୁଖ୍ୟକୁ ଆପଣମାନେ ଗ୍ରହଣ କଲେ ଆଗାମୀ ଦିନରେ ଏହି ଅଞ୍ଚଳରେ ଶାନ୍ତି ଫେରିବା ସହ ଉନ୍ନୟନ କାର୍ଯ୍ୟ ଆଗେଇ ଚାଲିବ । ସାଧାରଣ ଲୋକଟିଏ ନିର୍ଭୟରେ ବସବାସ କରିପାରିବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ । ପରେ ଅସହାୟ ବୃଦ୍ଧମାନଙ୍କୁ ହୁଇଲ ଚେୟାର, ଶୀତବସ୍ତ୍ର, ଖେଳ ସାମଗ୍ରୀ, ରୋଷେଇ ସାମଗ୍ରୀ ଏବଂ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବିତରଣ କରାଯାଇଥିଲ ।

# ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଗୁଣପୁର,୨୨।୨(ଡି.ଏନ.ଏ)



ଖେଳରେ ଉପସ୍ଥିତ ଦୁଇ ଦଳର ଖେଳାଳି ।

ରାୟଗଡା ଜିଲା ଗୁଣପୁରଠାରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଗୁରୁକୁଳ କଲେଜ ସମ୍ପାଦକ ରାଜେଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହା ୧୭ ଦିନ ଧରି ଚାଲୁ ରହିବ । ନିଳାଦ୍ରିବିହାର କ୍ରିକେଟ କ୍ଲବ ପକ୍ଷରୁ ଏହା ଆୟୋଜିତ ହୋଇଥିଲା । ଏହାର ଉଦ୍‌ଘାଟନୀ ମ୍ୟାଚ ଦୁର୍ଗିର କିଙ୍ଗ କୋବ୍ରା ଏବଂ ଗୁଣପୁର ଢେପ ସାହିର ନିଉ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କିଙ୍ଗ କୋବ୍ରା ଦଳ ବିଜୟୀ ହୋଇଥିଲା । ସେହିପରି ଅପରାହ୍ଣରେ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚରେ ପିଞ୍ଚହିଟର୍ସ ଦଳକୁ ହରାଇ ଫାୟାର ଷ୍ଟେଶନ ଦଳ ବିଜୟଲାଭ କରିଥିଲେ । ତପନ ଡୂଳ, ସତ୍ୟବ୍ରତ ମହାନ୍ତି, ଟିନୁ ଶବର, ଚାନ୍ଦୁଶବର, ଅଜୟ ଖୁରା, ଶିଶିର ପଣ୍ଡା, ରବିଶବର ପ୍ରମୁଖ ପରିଚାଳାନାରେ ସହଯୋଗ କରିଥିଲେ ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ